# ମାର୍କୋଣା ସରପଞ୍ଚଙ୍କ ବିରୋଧରେ ୮ ୱାର୍ଡସଭ୍ୟଙ୍କ ଅନାସ୍ଥା ଦାବି

ସିମୁଳିଆ,୧୫।୧୧(ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକର ମାର୍କୋଣା ପଞ୍ଚାୟତ ୧୩ଟି ୱାର୍ଡକୁ ନେଇ ଗଠିତ। ଗତ ପଞ୍ଚାୟତ ନିର୍ବାଚନରେ ଏହି ପଞ୍ଚାୟତ ବିଜେଡି ହାତରୁ ବିଜେପି ହାତକୁ ଚାଲିଯାଇଥିଲା। ଏହି ପଞ୍ଚାୟତର ସରପଞ୍ଚ କମଳାକାନ୍ତ ନାୟକଙ୍କ ବିରୋଧରେ ଆଠ ଜଣ ୱାର୍ଡ ସଭ୍ୟ ସଭ୍ୟା ବିଭିନ୍ନ ଅଭିଯୋଗ କରିବା ସହିତ ବାଲେଶ୍ୱର ଉପ ଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ଦାବି କରିଛନ୍ତି। ଏହି ଅଭିଯୋଗ ହେବା ପରେ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟରୁ ଅଭିଯୋଗ କରିଥିବା ଆଠ ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କୁ ଅନାସ୍ଥା ଆଗତ ସମ୍ପର୍କିତ କାଗଜ ପତ୍ର ଉପ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିବା ପାଇଁ ଚିଠି କରାଯାଇଛି। ଏ ସମ୍ପର୍କରେ ସିମୁଳିଆ ବିଡ଼ିଓ ଏବଂ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଥିବାର ଚିଠି ୧୬୨୪ ନମ୍ବରରୁ ଜଣାପଡ଼ିଛି। ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟରୁ ଏହି ଚିଠି ଆସିବା ପରେ ଅଭିଯୋଗ ଉଠାଇଥିବା ଆଠ ଜଣ ୱାର୍ଡ ସଭ୍ୟ ସଭ୍ୟା କାଗଜ ପତ୍ର ପ୍ରସ୍ତୁତ କରି ଦାଖଲ କରିଥିବାର ଖବର ମିଳିଛି। ଏହି ଘଟଣା ଏବେ ସିମୁଳିଆରେ ମୁଖ୍ୟ ଚର୍ଚ୍ଚାର ବିଷୟ ହେବା ସହିତ ରାଜନୈତିକ ଉଷ୍ମତା ବଢିଛି।

ମିଳିଥିବା ସୂଚନା ଅନୁଯାୟୀ ୧୩ ୱାର୍ଡ ବିଶିଷ୍ଟ ମାର୍କୋଣା ପଞ୍ଚାୟତରେ ଜଣେ ୱାର୍ଡ ସଭ୍ୟା ଇସ୍ତଫା ଦେବା ପରେ ୧ଜଣ ୱାର୍ଡ ସଭ୍ୟଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ୧୨ ଜଣ ୱାର୍ଡ ସଭ୍ୟ ସଭ୍ୟା ଅଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ରେ ଏହି ପଞ୍ଚାୟତରେ ବିଜେଡି ଏବଂ ବିଜେପି ସହିତ ସିଧାସଳଖ ଲଢେଇ ହୋଇଥିଲା। ସରପଞ୍ଚ ପଦବୀରେ କମଳାକାନ୍ତ ନାୟକ ତାଙ୍କର ପ୍ରତିଦ୍ୱନ୍ଦୀ ତଥା ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ବେହେରାଙ୍କ ଠାରୁ ୧୩ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଥିଲେ। ଫଳାଫଳ ନେଇ ପୁନଃ ଗଣତି ଦାବି କରାଯାଇଥିଲା ହେଲେ ସେହି ସମୟରେ ନିର୍ବାଚନ ପରିଚାଳନା କରୁଥିବା ଅଧିକାରୀ ସୁଯୋଗ ନ ଦେବାରୁ ଏହାକୁ ନେଇ ଭୋଟ କେନ୍ଦ୍ର ଗେଟ ଆଗରେ ଆନ୍ଦୋଳନ କରାଯାଇଥିଲା। ଏଥିରେ ସଫଳ ନହେବାରୁ ପ୍ରତିପକ୍ଷ ନ୍ୟାୟଳୟର ଆଶ୍ରୟ ନେଇଥିଲେ ଯାହା ବିଚରାଧୀନ ଅଛି. ଏହାରି ଭିତରେ ସରପଞ୍ଚଙ୍କ କାର୍ଯ୍ୟଧାରାକୁ ନେଇ ବିରୋଧାଭାସ ଦେଖିବାକୁ ମିଳିଛି। ୧୩ ଜଣଙ୍କ ମଧ୍ୟରୁ ୮ ଜଣ ୱାର୍ଡ ସଭ୍ୟ ସଭ୍ୟା ସରପଞ୍ଚଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଉଠାଇବା ସହିତ ଉପ ଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ଦାବି କରିଥିଲେ। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୬୨୪ ମୂଳେ ଅଭିଯୋଗ ଉଠାଇଥିବା ଆଠ ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କୁ ନୋଟିସ କରିବା ସହିତ ଅନାସ୍ଥା ଆଗତ କରିବା ପାଇଁ ପରିଚାଳନା ଦାୟିତ୍ୱ ଥିବା ଉପ ଜିଲ୍ଲାପାଳଙ୍କୁ ରିଜୋଲିୟୋସନ କପି ସମେତ ଅନ୍ୟାନ୍ୟ କାଗଜ ପତ୍ର ଦାଖଲ କରିବା ପାଇଁ ଦର୍ଶାଯାଇଛି। ଏ ସମ୍ପର୍କରେ ପତ୍ର ସଂଖ୍ୟା ୧୬୨୫ ମୂଳେ ସିମୁଳିଆ ବିଡ଼ିଓ ଏବଂ ପତ୍ର ସଂଖ୍ୟା ୧୬୨୬ ମୂଳେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିବାର ସୂଚନା ମିଳିଛି। ଅନାସ୍ଥା ପାଇଁ ଦାବି କରିଥିବା ଆଠ ଜଣଙ୍କ ମଧ୍ୟରେ ନୃସିଂହ ଚରଣ ବେହେରା, ରାଧାରାଣୀ ଦାସ, ରମାରାଣୀ ବେହେରା, ରାଜିବ କୁମାର ମିଶ୍ର, ଅବନ୍ତି ବିହାରୀ, ସମବାରୀ ସିଂ, ପୂଜା ସିଂ ଏବଂ ଉନେନ୍ଦ୍ର କୁମାର ସେଠୀଙ୍କ ନାମ ଚିଠି ରେ ଉଲ୍ଲେଖ ଥିବାର ସୂଚନା ମିଳିଛି। ୨୨ ଟି ପଞ୍ଚାୟତ ମଧ୍ୟରୁ ଏହା ପ୍ରଥମ ଘଟଣା ଯାହା ସିମୁଳିଆ ରେ ଚର୍ଚ୍ଚା ର ବିଷୟ ହୋଇଛି। ସିମୁଳିଆରେ ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା ବିଜୟୀ ହେବାର ୪ ମାସ ହୋଇଥିବାବେଳେ ବିଜେପି ସମର୍ଥନରେ ବିଜୟୀ ହୋଇଥିବା ସରପଞ୍ଚ କମଳାକାନ୍ତ ନାୟକଙ୍କ ବିରୋଧରେ ଅନାସ୍ଥା ଦାବି କରାଯିବା ଘଟଣା ସିମୁଳିଆ ରାଜନୀତିରେ ଉଷ୍ମତା ଦେଖିବାକୁ ମିଳିଛି।

## ଟେଙ୍ଗରାମାରୀ ସେବାଶ୍ରମରେ ବିର୍ସାମୁଣ୍ଡାଙ୍କ ଜୟନ୍ତୀ




ଚୌକି, ୧୫।୧୧(ସମିସ): ପ୍ରତ୍ୟେକ ବ୍ୟକ୍ତିଙ୍କ ଭିତରେ ମା, ମାଟି, ମାତୃଭାଷା ପ୍ରତି ସମ୍ମାନ, କର୍ତ୍ତବ୍ୟପରାୟଣାତା ସହିତ ଦେଶପ୍ରେମ ରହିବା ଆବଶ୍ୟକ ବୋଲି ଶୁକ୍ରବାର ଭୋଗରାଇ ବ୍ଲକ ଜୟରାମପୁର ପଞ୍ଚାୟତ ଅନ୍ତର୍ଗତ ଟେଙ୍ଗରାମାରୀ ସେବାଶ୍ରମରେ ସ୍ୱାଧୀନତା ସଂଗ୍ରାମୀ, ବିପ୍ଳବୀ ସହିଦ ବିର୍ଶା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ତଥା କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ସଭାରେ ମତ ପ୍ରକାଶ ପାଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଉମେଶ ଚନ୍ଦ୍ର ଘଡ଼ାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସମାଜସେବୀ ଅଶୋକ କୁମାର ମିଶ୍ର ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷକ ପ୍ରଦ୍ୟୋତ କୁମାର ମିଶ୍ର ବିପ୍ଳବୀ ବିର୍ଶା ମୁଣ୍ଡାଙ୍କ ନିସ୍?ାର୍ଥପର ଦେଶପ୍ରେମ ଓ ତ୍ୟାଗପୁତ ଜୀବନରେ ଅନୁପ୍ରାଣିତ ହେବା ସହ ବିଦ୍ୟା ଓ କ୍ରୀଡା କ୍ଷେତ୍ରରେ ପ୍ରତିଯୋଗୀ ମନସ୍କ ହେବାକୁ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଅନ୍ତେବାସୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତିର ପୂର୍ବତନ ସଭାପତି ନିଶିକାନ୍ତ ପଣ୍ଡା, ବିଧାୟକ ପ୍ରତିନିଧି ଅଶୋକ କୁମାର ସାହୁ, ଉପସଭାନେତ୍ରୀ ରେଖାରାଣୀ ଜେନା, ସମାଜର ଭୋଗରାଇ ପ୍ରତିନିଧି ବିକାଶ ପାଣିଗ୍ରାହୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ହେମନ୍ତ କୁମାର ପଣ୍ଡା ବିଦ୍ୟାଳୟର ଉନ୍ନତି ଓ ପ୍ରଗତି ପାଇଁ ଗ୍ରାମବାସୀ, ଅଭିଭାବକ ଓ ପରିଚାଳନା ସମିତି ସଦସ୍ୟ ମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଓ ଅନ୍ତେବାସୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ଓ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷକ ଅଶୋକ କୁମାର ସାହୁ ବାର୍ଷିକ ବିବରଣୀ ପାଠ, ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ରଣସିଂହପୁର ଆଶ୍ରମ ବିଦ୍ୟାଳୟରେ ବିର୍ସା ମୁଣ୍ଡା ଜୟନ୍ତୀ




ଶ୍ରଦ୍ଧାପୁର, ୧୫।୧୧ (ସମିସ): ଭୋଗରାଇ ବ୍ଲକ କାନ୍ଠିଥଭଉଁରୀ ପଞ୍ଚାୟତ ଅନ୍ତର୍ଗତ ରଣସିଂହପୁର ଆଶ୍ରମ ବିଦ୍ୟାଳୟ ପରିସରରେ ମହାନ ଜନନାୟକ ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀକୁ ଜନ ଜାତି ଗୌରବ ଦିବସ ରୂପେ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବବ୍ରତ ଜେନା ସଞ୍ଚାଳନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଶ୍ରୀହରି ଜେନା, ମୁଖ୍ୟବକ୍ତା ଭାବେ କବି ଡ଼. ଶ୍ରୀକୁମାର ଘୋଷ, ସମ୍ମାନିତ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃତ୍ତିବାସ ସୁର, ସମ୍ମାନିତ ଅତିଥି ସମିତି ସଭ୍ୟ ପ୍ରଦୀପ କୁମାର ଦାସ, ୱାର୍ଡ ସଭ୍ୟ ରବୀନ୍ଦ୍ର ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଳିଚରଣ ଜେନା ପ୍ରମୁଖ ଉପସ୍ଥିତ ରହି ଦଳିତ, ଅବହେଳିତ ଅନୁସୂଚିତ ଜାତି ଓ ଜନଜାତିର ମହାନ ଜନନାୟକ ବିର୍ସା ମୁଣ୍ଡାଙ୍କର କାର୍ଯ୍ୟକଳାପ ଓ ଜୀବନ ଶୈଳୀ ବିଷୟରେ ମତ ବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମଧୁସ୍ମିତା ପ୍ରଧାନ, ପରିଚାଳନା କମିଟିର ସଦସ୍ୟ, ସଦସ୍ୟା, ଓ ଅଭିଭାବକ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସହଯୋଗ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସ୍ମୃତିପ୍ରଜ୍ଞା ବେହେରା ମଞ୍ଚ ଆହ୍ୱାନ କରିବା ସହିତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ଜଙ୍ଗଲ ସୁରକ୍ଷା ସଚେତନତା ଉପରେ ଏକ ଆଦିବାସୀ ନୃତ୍ୟ ହୋଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋରଞ୍ଜନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା



ଚୌକି, ୧୫।୧୧ (ସମିସ) : ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ କଳାହି କ୍ଲଷ୍ଟର ଅନ୍ତର୍ଗତ ପ୍ରଫୁଲ୍ଲ ପଙ୍କଜିନୀ ନୋଡାଲ ବିଦ୍ୟାମନ୍ଦିର, କଳାହିରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଜ୍ଞାନ ମେଳାକୁ ସ୍କୁଲର ପ୍ରଧାନ ଶିକ୍ଷକ ଗୌରହରୀ ଦାସ ଉଦଘାଟନ କରିଥିଲେ। ସଂସ୍କୃତ ଶିକ୍ଷକ ବେଣୁଧର ମହାନ୍ତି ବେଦ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ସାଇପ୍ରଭା ନନ୍ଦୀ, ଶୈଳେଶ କୁମାର ଗିରି, ଚନ୍ଦନ କୁମାର ଜେନା ଓ କମଳଲୋଚନ ରଣା ବିଜ୍ଞାନ ମେଳାକୁ ପରିଚାଳନା କରିଥିଲେ। ଶିକ୍ଷକ ଅନିମେଶ କୁମାର ଗିରି, ମହମ୍ମଦ ସକିଲ ଶାହା, ସୁଧୀର ହାଁସଦା, ପଦ୍ମନାଭ ପାତ୍ର, ଶିକ୍ଷୟିତ୍ରୀ ଅଙ୍କିତା ସିଂ, କନକଲତା ଜେନା, ଶ୍ରାବଣୀ ମହାପାତ୍ର, ଅଣଶିକ୍ଷକ ସ୍ୱୟମ୍ଭୁ କୁମାର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରୁ ମୋଟ ୩୧ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ବେଳେ ନବମ ଓ ଦଶମ ଶ୍ରେଣୀରୁ ୨୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୁନି ବୈଜ୍ଞାନିକ ଓ ତାଙ୍କ ସହଯୋଗୀଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଚାରକ ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସଂଳାପ ପ୍ରିୟ ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ମହାନ୍ତି ଓ ଶିକ୍ଷକ ମନୋରଞ୍ଜନ ଦାସ କୁନି ବୈଜ୍ଞାନିକଙ୍କ ପ୍ରକଳ୍ପ ଗୁଡିକୁ ପରିଦର୍ଶନ କରିଥିଲେ। ଶିକ୍ଷକ କାହ୍ନୁଚରଣ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବେପରୁଆ ପୋଲ ନିର୍ମାଣ ପାଇଁ ଦୁର୍ଘଟଣା



ନୀଳଗିରି, ୧୫।୧୧(ସମିସ): ବେପରୁଆ ଭାବେ ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟ ପାଇଁ ଗାଡ଼ି ଓ ଚାଳକ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ଶେରଗଡ଼ ଝରଣାଘାଟି ୧୯ ନମ୍ବର ରାଜ୍ୟ ରାଜପଥ ଉପରେ ଚାରି ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଅଛି। ଶ୍ରୀ ଦୁର୍ଗା କନଷ୍ଟ୍ରକ୍ସନ ନାମକ ଏକ କମ୍ପାନୀ ଉକ୍ତ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ନୀଳଗିରି ପୂର୍ତ୍ତବିଭାଗ ଏହାର ଦାୟିତ୍ୱ ନେଇଛି। ହେଲେ କାର୍ଯ୍ୟରେ ଅହେତୁକ ବିଳମ୍ବ ସହିତ ରାସ୍ତା ଓ ପୋଲ କାର୍ଯ୍ୟ ଚାଲୁଥିବା ସ୍ଥାନରେ ସଠିକ ଭାବେ ଚିହ୍ନ ଲଗାଯାଇ ନଥିବାରୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି କୁହାଯାଉଛି। ବାଲିଗୋହିରି ଗ୍ରାମ କାହାଳିଆ ଛକ ନିକଟରେ ଏକ ପୋଲ ନିର୍ମାଣ କାର୍ଯ୍ୟ ହେଉଥିବା ବେଳେ ଠିକାଦାର ଓ ଶ୍ରମିକ ସନ୍ଧ୍ୟା ପୂର୍ବରୁ କାର୍ଯ୍ୟବନ୍ଦ କରି ପଳାଇ ଯାଇଥିଲେ। ଯିବାବେଳେ ଡାଇଭର୍ସନକୁ ସଠିକ ଭାବେ ଚିହ୍ନଟ କରି ନ ଥିଲେ ଓ ଉକ୍ତ ସ୍ଥାନରେ ଷ୍ଟ୍ରିଟ ଲାଇଟର ମଧ୍ୟ ବ୍ୟବସ୍ଥା ନଥିଲା। ଉକ୍ତ ସ୍ଥାନଟି ଅନ୍ଧାରିଆ ହୋଇ ପଡିଥିବାବେଳେ ସେହି ରାସ୍ତା ଦେଇ ନୀଳଗିରି ଥାନା ଅନ୍ତର୍ଗତ ଗାଙ୍ଗପୁରା ଗ୍ରାମର କରୁଣାକର ମହାରଣାଙ୍କ ପୁଅ ଦେବୀକା ନନ୍ଦନ ମହାରଣା(୩୮) ଏକ ବାଇକରେ ଶେରଗଡ଼ରୁ ନୀଳଗିରି ବଜାରକୁ ଆସୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ବାଇକ ସହ ନିଜେ ପୋଲ ଭିତରେ ପଶିଯାଇଥିଲେ। ପଥଚାରୀମାନେ ତାଙ୍କୁ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାକୁ ନେଇଥିଲେ। ଏଥିରେ ତାଙ୍କର ମୁଣ୍ଡ, କପାଳ, ଆଖି ପତା ଓ ଛାତିରେ ଗଭୀର ଆଘାତ ଓ କ୍ଷତ ସୃଷ୍ଟି ହୋଇଛି। ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବାବା ମାଙ୍ଗେଶ୍ୱରଙ୍କ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ

ସୋର,୧୫।୧୧(ସମିସ): ବାଲେଶ୍ୱର ଜିଲ୍ଲାର ସୋର ପୌରପାଳିକା ଅନ୍ତର୍ଗତ ମେଘମାଧବ ଗ୍ରାମରେ ଥିବା ବାବା ମାଙ୍ଗେଶ୍ୱରଙ୍କ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହେଇଯାଇଛି। କାର୍ତ୍ତିକ ପୂର୍ଣ୍ଣିମାରେ ବାବାଙ୍କୁ ଦର୍ଶନ କଲେ ମନ କାମନା ପୂରଣ ହେବା ନେଇ ବିଶ୍ୱାସ ରହିଥିବାରୁ ସକାଳୁ ସକାଳୁ ବାବାଙ୍କୁ ଦର୍ଶନ କରିବା ପାଇଁ ଶହ ଶହ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରତି ବର୍ଷ ପରି ଏହି ବର୍ଷ ମଧ ଦିନ ସାରା ଭଜନ କୀର୍ତ୍ତନ ସହ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବାବା ମାଙ୍ଗେଶ୍ୱର କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ବିଶ୍ୱହିନ୍ଦୁ ପରିଷଦ ଭୋଗରାଇ ପ୍ରଖଣ୍ଡ ପୁନର୍ଗଠିତ



ଭୋଗରାଇ,୧୫।୧୧(ସମିସ): ବିଶ୍ୱହିନ୍ଦୁ ପରିଷଦ ଭୋଗରାଇ ପ୍ରଖଣ୍ଡ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱରପୁରସ୍ଥିତ ପରିଷଦ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସମ୍ପାଦକ ରଶ୍ମିରଞ୍ଜନ ଦାସ ଯୋଗଦେଇ ସଭକାର୍ଯ୍ୟକୁ ସଂଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଜ୍ଞାନରଞ୍ଜନ ଦାସ, ଭୋଗରାଇ ପ୍ରଖଣ୍ଡର ପୂର୍ବତନ ସଭାପତି ଗୌରହରି ମହାନ୍ତି, ନଟରଞ୍ଜନ ଘରାଇ, ହରେନ୍ଦ୍ର ନାଥ ଭୋଳ, ସୀତାରାମ ପ୍ରଧାନ ପ୍ରମୁଖ ଯୋଗଦେଇ ଭୋଗରାଇ ପ୍ରଖଣ୍ଡ ପରିଷଦର ପୁନର୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପରିଷଦର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ପରିଷଦର ନୂତନ ସଭାପତି ଭାବେ ହରିଶଙ୍କର ଦାସ, କାର୍ଯ୍ୟକାରୀ ସଭାପତି ଭାବେ ଡ଼ଃ ଗିରିଜା ନନ୍ଦନ ଜେନା, ଉପସଭାପତି ନବକୁମାର ଦେ, ରାମହରି ସୁର, ସମ୍ପାଦକ ଭାବେ ଡ଼ଃ ବିଧୁଭୂଷଣ ଦାସ,ସହ ସମ୍ପାଦକ ରଞ୍ଜନ କୁମାର ପାତ୍ର, ରାମଚନ୍ଦ୍ର ପ୍ରଧାନ, ଦୁର୍ଗାଶଙ୍କର ଦାସ, କୋଷାଧ୍ୟକ୍ଷ ଭାବେ ସପନ କୁମାର ଦେ, ସହ କୋଷାଧ୍ୟକ୍ଷ ଲକ୍ଷ୍ମଣ ଗିରି, ସତସଙ୍ଗ ପ୍ରମୁଖ ସୁଦାମ ଚନ୍ଦ୍ର ପ୍ରଧାନ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ସେହିପରି ହେନାରାଣୀ ଦାସ,ଅର୍ଚ୍ଚନା ମହାନା, ସସ୍ମିତା ସୁର, ଜଗତ୍ ଜୀବନ ପ୍ରଧାନ, ଶ୍ରୀପତି ଚରଣ ବାରିକ, ଭୃଗୁରାମ କର, ହିମାଂଶୁ ଶେଖର ମିଶ୍ର, ସୁଶୀଲ କୁମାର ମହାନ୍ତି, ଜନ୍ମେଜୟ ପାତ୍ର, ସୂର୍ଯ୍ୟକାନ୍ତ ବାରିକ ପ୍ରମୁଖଙ୍କୁ ବିଭିନ୍ନ ପଦ ପଦ?ୀ ନିମନ୍ତେ ଚୟନ କରାଯାଇଥିଲା।

## ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ



ନୀଳଗିରି,୧୫।୧୧(ସମିସ): ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଜନଜାତୀୟ ଗୌରବ ଦିବସ ସମଗ୍ର ଦେଶ ସହ ନୀଳଗିରିରେ ପାଳନ କରାଯାଇଛି। ଏହି ଦିବସ ପାଳନ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭାସି ମାଧ୍ୟମରେ ୯୯୦୦ କୋଟି ଟଙ୍କାର ବିଭିନ୍ନ ଯୋଜନା ଶିଳାନ୍ୟାସ ଓ ଲୋକାର୍ପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟ ଏବଂ ରାଜ୍ୟ ସରକାରଙ୍କ ଅନୁସୁଚିତ ଜନଜାତି ଓ ଅନୁସୁଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଆନୁକୁଲ୍ୟରେ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ନୀଳଗିରି ଇଣ୍ଡୋର ଷ୍ଟାଡିୟମ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ମହେନ୍ଦ୍ର ନାଥ ବେହେରା, ଜ୍ୟୋତିର୍ମୟ ପୁଥାଳ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଜିଲ୍ଲା ଶିକ୍ଷା ଅଧିକାରୀ ତନୟା ଗିରି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ସ୍ଥାନୀୟ ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ, ତହସିଲଦାର ସୋନମ ଦାସ ଏବଂ ନୀଳଗିରି ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନଜାତି ବର୍ଗର ଭାଇ ଭଉଣୀମାନେ ସାମିଲ ହୋଇଥିଲେ। ଏହି ଦିବସ ପାଳନ ଅବସରରେ ଏକ ସାଧାରଣ ସଭାରେ ନୀଳଗିରି ପ୍ରକଳ୍ପ ପ୍ରଶାସକ କାରୁ ସୋରେନ ଆବାହାନ କରିଥିଲେ। ଉତ୍ସବରେ ବିଭିନ୍ନ କୃଷି, ବାଣିଜ୍ୟ, ଜଙ୍ଗଲ ଜମିପଟ୍ଟା ଆଦି ଜନଜାତି ହିତାଧିକାରୀ ଭାଇଭଉଣୀଙ୍କୁ ମୁଖ୍ୟ ଅତିଥି ସହ ସମସ୍ତ ଅତିଥି ବଣ୍ଟନ କରିଥିଲେ।

# ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ପାଳିତ





ଦକ୍ଷିଣ ବାଲେଶ୍ୱର/ସୋର: ଦୁଇ ଶହ ଫୁଟର ବୋଇତ ଭସାଣ ଦେଖିବା ପାଇଁ ଦର୍ଶକଙ୍କ ପ୍ରବଳ ଭିଡ ସହ ଶଙ୍ଖ ହୁଳହୁଳି ଓ ଘଣ୍ଟ ଶବ୍ଦରେ ପ୍ରକମ୍ପିତ ହୋଇଥିଲା ଏହି ବୋଇତ ବନ୍ଦାଣ ପୀଠ। ଏଭଳି ନିଆରା ଢଙ୍ଗରେ ବୋଇତ ବନ୍ଦାଣ ଉତ୍ସବ ସୋର ବ୍ଲକ ମାଣିତ୍ରୀ ଗ୍ରାମରେ ଅନୁଷ୍ଠିତ ହୋଇଛି। ଗ୍ରାମର ମଦନ ମୋହନ ଜୀଉ କମିଟି ପକ୍ଷରୁ ନିଆରା ଢଙ୍ଗରେ ୧୬୦ ଫୁଟ ଲମ୍ବର ଡଙ୍ଗା ଭସାଯାଇଛି। ଏଥିରେ ସଦସ୍ୟ ଓ କର୍ମକର୍ତ୍ତା ଦୀର୍ଘ ୨୧ ବର୍ଷ ଧରି ୧୬୦ ଫୁଟର ଡଙ୍ଗା ତିଆରି କରି ପାଖ ପୋଖରୀରେ ଭସାଇଥାନ୍ତି। ଏହି ଡଙ୍ଗା ଭସାଇବା ଦ୍ୱାରା ଗ୍ରାମରେ ଭାଇଚାରା ରକ୍ଷା କରିବା ଓ ଗ୍ରାମର ଶାନ୍ତି ପାଇଁ ମଦନ ମୋହନଙ୍କ ଠାରେ ପୂଜାର୍ଚ୍ଚନା କରି ଭୋର ୫ଟା ବେଳେ ଡଙ୍ଗା ଭସାଇଥିଲେ। ଭୋର ୩ଟାରୁ ଆଖପାଖ ଅଞ୍ଚଳ ଲୋକାରଣ୍ୟ ହୋଇ ପଡ଼ିଥିଲା।

● **ନୀଳଗିରି:** ଉତ୍ତର ଓଡ଼ିଶାର ମନ୍ଦିରମାଳିନୀ ସହର ଭାବରେ ଖ୍ୟାତ ନୀଳଗିରି ସହର ଓ ଏହାର ଆଖପାଖ ଅଞ୍ଚଳରେ ବହୁ ପୁରାତନ ଦେବାଦେବୀଙ୍କ ପୀଠ ରହିଛି। ବାରମାସରେ ତେର ପର୍ବ ପାଳନ ହୋଇଆସୁଥିବା ଏହି ଅଞ୍ଚଳରେ ମୁଖ୍ୟତଃ ପୁଣ୍ୟମାସ କାର୍ତ୍ତିକ ଗୁରୁତ୍ୱବହନ କରିଥାଏ। ବିଶେଷକରି କାର୍ତ୍ତିକ ପୂର୍ଣ୍ଣିମାର ଶେଷ ପାଞ୍ଚଦିନ ପଞ୍ଚକ ଅବସରରେ ମହିଳାମାନେ ବଡିଭୋରରୁ ଉଠି ନିତ୍ୟକର୍ମ, ସ୍ନାନଶୌଚସାରିବିଭିନ୍ନଦେବୀଦେବାଳୟଯାଇଦର୍ଶନ କରିଥାଆନ୍ତି। ଆଜି ପଞ୍ଚୁକ ଶେଷ ଦିନରେ ମହିଳା ମାନେ ଓଡ଼ିଆ ପରମ୍ପରା ଅନୁଯାୟୀ ଭୋର ସମୟରେ ବିଭିନ୍ନ ଜଳାଶୟ ମାନଙ୍କରେ ଡଙ୍ଗା ଭସାଇବା ସହିତ ଓଡ଼ିଆ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରିବାକୁ ଭୁଲିନଥିଲେ। ନୀଳଗିରି ସହରର ବିଭିନ୍ନ ପୁଷ୍କରିଣୀ ମାନଙ୍କରେ ମହିଳାମାନେ ଡଙ୍ଗା ଭସାଇଥିବା ବେଳେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ୍ୟ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିବା ଦେଖାଯାଇଥିଲା। ଏହି ଅବସରରେ ଶଙ୍କରାଖୁଣ୍ଟା, ନୂଆପୋଖରୀ, ଦରଖୋଳି ପୋଖରୀ, ବାଲିଗୋହିରୀ, ରାଇପୋଖରୀ ଆଦି ବିଭିନ୍ନ ପୁଷ୍କରିଣୀରେ ମହାଧୁମଧାମ ବୋଇତବନ୍ଦାଣ ଉତ୍ସବ ପାଳିତ ହୋଇଥିବା ଦେଖିବାକୁ ମିଳିଛି। ଏହାବ୍ୟତୀତ ବିଭିନ୍ନ ଗ୍ରାମାଞ୍ଚଳ ମାନଙ୍କରେ ବୋଇତ ଭସାଣ ଉତ୍ସବ ପାଳନ କରାଯାଇଥିବା ଜଣାଯାଇଛି।

● **ସୁବର୍ଣ୍ଣରେଖାନଦୀରେବୋଇତବନ୍ଦାଣଉତ୍ସବ**

ରାଜଘାଟ: ବସ୍ତା ବ୍ଲକ ରାଜଘାଟ ସ୍ଥିତ ସୁବର୍ଣ୍ଣରେଖା ନଦୀରେ ପ୍ରଣାମ ଭାରତ ସଂଗଠନ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜିର ସକାଳେ ଶ୍ରଦ୍ଧାଳୁ ଓ ଭକ୍ତ ମାନେ ବଡି ଭୋରରୁ ଉଠି ପୁଷ୍କରିଣୀ, ନଦୀ, ସମୁଦ୍ର କୂଳରେ ବୁଡ଼ ପକାଇ, ନାମ ସଙ୍କୀର୍ତ୍ତନ ସହିତ ପୂଜା ଅର୍ଚ୍ଚନା କରି କଦଳୀ ପଟୁଆ ଓ ସୋଲ ରେ ନିର୍ମିତ ବୋଇତକୁ ଆ-କା-ମା-ବୈ, ଗୁଆ ପାନ ଥୋଇ, ଗୁଆପାନ ତୋର ମାସକ ଧରମ ମୋର କହି ବୋଇତ ବନ୍ଦାଣ କରି ବୋଇତ ଭସାଣ କରିଥିଲେ। ପରେ ବୋଇତ ବନ୍ଦାଣ ଓ ନଦୀ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତ୍ରିଭୁବନ ଦାସ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଡିଆରଡିଓ ଚାନ୍ଦିପୁର ନିର୍ଦ୍ଦେଶକ ବୈଜ୍ଞାନିକ ପ୍ରଭାକର ମଲ୍ଲିକ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ସଞ୍ଜୀବ କୁମାର ପାଢୀ, ବ୍ରଜମୋହନ ପ୍ରଧାନ ପ୍ରମୁଖ ଯୋଗ ଦେଇ ସାଧବ ପୁଅ ବେଶରେ ସଜେଇ ହୋଇ ଅତୀତର ସାଧବ ପୁଅଙ୍କ ନୌବାଣିଜ୍ୟ, ଐତିହ୍ୟ ପରମ୍ପରାକୁ ମନେ ପକାଇ ନୌକା ବିହାର କରିବା ସହିତ ସାଧାରଣ ସଭାରେ ଯୋଗ ଦେଇ ବହୁମୂଲ୍ୟ ମତବ୍ୟକ୍ତ କରିଥିଲେ।

● **ତୃତୀୟଶ୍ରୀକ୍ଷେତ୍ରରେଲକ୍ଷାଧିକଶ୍ରଦ୍ଧାଳୁଙ୍କ ସମାଗମ**

ନୀଳଗିରି,୧୫।୧୧(ସମିସ): ପ୍ରାଚୀନ କଳିଙ୍ଗ (ଓଡ଼ିଶା)ର ସାଧବପୁଅ ମାନେ ନୌବାଣିଜ୍ୟ କ୍ଷେତ୍ରରେ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ବିଭିନ୍ନ ଦେଶରୁ ଧନରତ୍ନ ବୋହିଆଣି ଆମ ରାଜ୍ୟକୁ ସମୃଦ୍ଧ କରିବାରେ ସକ୍ଷମ ହୋଇଥିଲେ। ଏଭଳି ପରମ୍ପରାକୁ ବଜାୟ ରଖିବା ପାଇଁ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଆସୁଛି। ଦେବଉତ୍ଥାପନ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନଧରି ମହିଳାମାନେ ପଞ୍ଚକବ୍ରତ ପାଳନ କରୁଥିବା ସମସ୍ତ ନରନାରୀ ନିରାମିଷ ଭୋଜନ ସହିତ ହବିଷ ପାଳନ କରିଥାନ୍ତି। ଏହି ଅବସରରେ ନୀଳଗିରି ଅଞ୍ଚଳରେ ବୋଇତବନ୍ଦାଣ ସହିତ ବହୁ ଧର୍ମାନୁଷ୍ଠାନ ମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଶେଷ କରି ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିରରେ ସକାଳ ଠାରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଭକ୍ତ ଓ ଶ୍ରଦ୍ଧାଳୁମାନେ ଲମ୍ବାଲାଇନରେ ଯାଇ ମହାପ୍ରଭୁଙ୍କ ଦର୍ଶନକରିବା ସହିତ ଦୀପଦାନ କରିଥିଲେ। ବଡିଭୋରରୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାୟ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଭିନ୍ନଭିନ୍ନ ସ୍ଥାନରେ ପ୍ରସାଦ ବଣ୍ଟନ ହେଉଥିବା ପରିଲକ୍ଷିତ ହୋଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ ହେଉଥିବା ଦେଖିବାକୁ ମିଳିଛି।

● **ଭସାଇଲେ ୧୬୦ ଫୁଟର ବୋଇତ**

## ଗଙ୍ଗାଧରପୁର ଏବଂ ଚଣ୍ଡୀପୁରରେ ଜନ ଜାତୀୟ ଗୌରବ ଦିବସ

ରାଜଘାଟ,୧୫।୧୧(ସମିସ): ବିଶିଷ୍ଟ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଅବସରରେ ବସ୍ତା ବ୍ଲକ ଭେଲୋରା ପଞ୍ଚାୟତର ଗଙ୍ଗାଧରପୁର ଏବଂ ଚଣ୍ଡୀପୁର ଗ୍ରାମରେ ସ୍ୱତନ୍ତ୍ର ପଲ୍ଲୀସଭା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଚଣ୍ଡୀପୁରରେ ୱାର୍ଡ ସଭ୍ୟା ସୁଭଦ୍ରା ମାରାଣ୍ଡି ସଭାପତିତ୍ୱ କରିଥିଲେ। ଅତିଥି ଭାବରେ ଭେଲୋରା ସରପଞ୍ଚ ଦୁର୍ଗାରାଣୀ ଜେନା, ପ୍ରାକ୍ତନ ସମିତି ସଭ୍ୟ ଅନାଦି ଚରଣ ଦାସ, ସୁପରଭାଇଜର ମହେଶ୍ୱର ହେମ୍ବ୍ରମ, ସଂଯୋଜକ ପଲ୍ଲବୀ ମହାନ୍ତି, ପ୍ରଶିକ୍ଷକ ସୁଧାଂଶୁ ଶେଖର ରାଉତ, ନିର୍ବାଣ ଚନ୍ଦ୍ର ବେହେରା, ସମାଜସେବୀ ଧ୍ରୁବ ଚରଣ ନାୟକ, ରାମଚନ୍ଦ୍ର ବେସ୍ରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଗଙ୍ଗାଧରପୁର ପ୍ରାଥମିକ ବିଦ୍ୟାଳୟରେ ୱାର୍ଡ ସଭ୍ୟା ସୁକାନ୍ତି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିଥିଙ୍କ ସମେତ ସୁପରଭାଇଜର ନିରଞ୍ଜନ ବିଶ୍ୱାଳ, ପ୍ରଶିକ୍ଷକ ମନୋଜ ବେହେରା, ହରିଶଙ୍କର ଧଳ, ସମାଜସେବୀ ଜଗନ୍ନାଥ ଜେନା ପ୍ରମୁଖ ଉପସ୍ଥିତ ରହି ଆଦିବାସୀ ମାନଙ୍କର ଉନ୍ନତି ସମ୍ପର୍କରେ ଆଲୋକପାତ କରିଥିଲେ।

# ସରିଲା ଛତୁଆ ପୋଖରୀ ବୋଇତ ବନ୍ଦାଣ ଉତ୍ସବ



ବାଲେଶ୍ୱର, ୧୫ା୧୧(ସମିସ): ସହରର ଟୁଲଙ୍ଗ ସାହି ଛତୁଆ ପୋଖରୀଠାରେ ଦୁଇ ଦିନିଆ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଉଦଯାପନୀ ଦିବସ ସାନ୍ଧ୍ୟ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ଉଦ୍‌ଘାଟନ ସହିତ ପ୍ରାଚୀନ ଉତ୍କଳ ନୌବାଣିଜ୍ୟ ପରମ୍ପରାର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ । ବୋଇତ ବନ୍ଦାଣ ଏବଂ ଉତ୍କଳୀୟ ନୌବାଣିଜ୍ୟ ଉତ୍ସବ ସହ ଆମ ପରମ୍ପରା ଓ ସଂସ୍କୃତି ବିଷେଶ ଭାବରେ ଜଡ଼ିତ ବୋଲି ସେ ମତବ୍ୟକ୍ତ କରିଥିଲେ । କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରମ୍ପରା ଜାତିର ଏକ ପରିଚୟ ହୋଇଥିବା ବେଳେ ଏହା ଅତୀତ ଓ ବର୍ତମାନକୁ ଯୋଡି ଭବିଷ୍ୟତକୁ ସୁରକ୍ଷିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଓ ବାଲେଶ୍ୱର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ବ୍ରିଟ) ଅଧ୍ୟକ୍ଷ ଆଲୋକ କୁମାର ସାହୁ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳର ପୂର୍ବସୁରୀଙ୍କ ଦୁଃସାହସିକ ପୂର୍ଣ୍ଣ ଜଳଯାତ୍ରା ସମ୍ପର୍କରେ ବର୍ଣ୍ଣନା ସହିତ ପ୍ରାଚୀନ ଉତ୍କଳର ଗୌରବମୟ ଇତିହାସର ସ୍ମୃତିରକ୍ଷା ପାଇଁ ମହାନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ନେଇ ପ୍ରତ୍ୟେକ ଓଡ଼ିଆ ଗର୍ବ କରିବା ଉଚିତ ବୋଲି କହିଥିଲେ । ବାଲେଶ୍ୱର ପୌରପାଳିକାର ପୂର୍ବତନ ଉପାଧ୍ୟକ୍ଷ ତଥା କମିଟିର ସଭାପତି ମନୋଜ କୁମାର ରାଉତ ଏଥିରେ ପୌରହିତ୍ୱ କରିଥିବା ବେଳେ ସମ୍ପାଦକ ରମେଶ ଚନ୍ଦ୍ର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ନୃତ୍ୟ ଓ ଝୋଟି ପ୍ରଭୃତି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । କମିଟିର କୋଷାଧ୍ୟକ୍ଷ ପ୍ରାଣକୃଷ୍ଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାମାଧବ ମହାପାତ୍ର, ଅମୁଲ୍ୟ ତାଲଦି, ନିକୁଞ୍ଜ କିଶୋର ଭୁୟାଁ, ଭାସ୍କର ଜେନା, ଅସୀତାନନ୍ଦ ଦେବ ଗୋସ୍ୱାମୀ, ଭବେନ୍ଦ୍ର ପଣ୍ଡା, ରବୀନ୍ଦ୍ର ମୋହନ ଚାନ୍ଦ, ରବୀନ୍ଦ୍ର ସାହାଣି, ଲେନିନ ସେଠୀ, ଲଲାଟେନ୍ଦୁ ମହାନ୍ତି, ଅଶୋକ ବେହେରା, ସୁଶାନ୍ତ ମହାନ୍ତି, ଜୟନ୍ତ କୁମାର ବାରିକ, ହରିଶ୍ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

ସରିଲା କାର୍ତ୍ତିକ

# ଡଙ୍ଗା ଭସାଇଲେ ଶ୍ରଦ୍ଧାଳୁ



ବାଲେଶ୍ୱର, ୧୫ା୧୧(ସମିସ): ସରିଛି କାର୍ତ୍ତିକ ମାସ। ଆଉ ଏହି ଧର୍ମ ମାସର ଶେଷ ଦିନରେ ଶତାଧିକ ଶ୍ରଦ୍ଧାଳୁ ନଦୀ, ସମୁଦ୍ର ଏବଂ ପୋଖରୀରେ ବୋଇତ ବନ୍ଦାଣ କରି ଧର୍ମ ଅର୍ଜନ କରିଛନ୍ତି। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ସାରା ସହର। ଶୁକ୍ରବାର ଦିନ ଭୋର୍‌ରୁ ସହରର ବିଭିନ୍ନ ପୋଖରୀ ସମେତ ବାଲିଘାଟ ଏବଂ ଚାନ୍ଦିପୁର ବେଳାଭୂମିରେ ବୋଇତ ବନ୍ଦାଣ କରିଛନ୍ତି ଶ୍ରଦ୍ଧାଳୁ। ବିଶେଷକରି ଅଧିକ ଭକ୍ତ ବୁଢିବଳଙ୍ଗ ଘାଟ ତଥା ବାଲିଘାଟରେ ପ୍ରତିବର୍ଷ ପଞ୍ଚୁକ ପୂର୍ଣ୍ଣିମା ଶେଷ କରି ବୋଇତ ବନ୍ଦାଣ କରନ୍ତି। ଚଳିତ ବର୍ଷ ମଧ୍ୟ ଶତାଧିକ ଲୋକ ବାଲିଘାଟରେ ଡଙ୍ଗା ଭସାଇଛନ୍ତି।

ବିଶେଷକରି ଥର୍ମୋକୁଲ ନିର୍ମିତ ଡଙ୍ଗାରେ ଭର୍ତ୍ତି ହୋଇଯାଇଛି ସାରା ନଦୀ, ସମୁଦ୍ର, ପୋଖରୀ। କଦଳୀ ପଟୁଆର ଡଙ୍ଗା ଆଉ ଦେଖିବାକୁ ମିଳୁନି। ତେବେ ପରମ୍ପରା ବଞ୍ଚାଇ ରଖିବା ଆଳରେ ପ୍ରଦୂଷିତ ହେଉଛି ନଦୀ, ପୋଖରୀ ପାଣି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ପକ୍ଷରୁ ନା ନିୟମ ଲାଗୁ କରାଯାଇଛି ନା ଲୋକଙ୍କୁ ସଚେତନ କରାଯାଉଛି। ଫଳରେ ବର୍ଷକୁ ବର୍ଷ ଏହିପରି ଥର୍ମୋକୁଲ ଡଙ୍ଗାର ବ୍ୟବହାର ବଢ଼ିବାରେ ଲାଗିଛି। ସହରରେ ଥିବା ବିଭିନ୍ନ ପୋଖରୀ ଯଥା ପୁଲିସ କଲୋନୀ ପୋଖରୀ, ରାମେଶ୍ୱର ମନ୍ଦିର ପୋଖରୀ, ହରଗଙ୍ଗା ପୋଖରୀରେ ସ୍ଥାନୀୟ ଲୋକେ ଡ଼ଙ୍ଗା ଭସାଇଥିଲେ। ଏଥିସହିତ ସହର ଉପକଣ୍ଠ ବାଲିଘାଟ ବହୁ ଐତିହାସିକ ମହତ୍ୱ ବହନ କରୁଥିବା ବେଳେ ଏହି ଘାଟ ନୌବାଣିଜ୍ୟ ପରମ୍ପରାର ଅନ୍ୟତମ ମୂକସାକ୍ଷୀ। ସୂର୍ଯ୍ୟୋଦୟ ପୂର୍ବରୁ ସହର ତଥା ଆଖପାଖ ଅଞ୍ଚଳରୁ ବହୁ ଲୋକ ନଦୀ ନିକଟରେ ପହଞ୍ଚି ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜିବୀତ ରଖିବା ପାଇଁ ସୋଲ ଡଙ୍ଗା ନଦୀରେ ଭସାନ୍ତି। ଡଙ୍ଗାରେ ଧୂପ ଦୀପ, ଫଳ ରଖି ବନ୍ଦାପନା କରିବା ପରେ ଆ-କା-ମା- ବୈ, ପାନ ଗୁଆ ଥୋଇ ଗୀତ ବୋଲିବା ସହ ଡଙ୍ଗା ଭସାଇ ପୁରୁଣା ପରମ୍ପରା ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବାଲିଘାଟ ଓ ଏହାର ଆଖପାଖ ଅଞ୍ଚଳ ସମ୍ପୂର୍ଣ୍ଣ ଲୋକାରଣ୍ୟ ହୋଇଥିବା ଦେଖିବାକୁ ମିଳିଥିଲା। କାର୍ତ୍ତିକ ପୂର୍ଣ୍ଣମାଠାରୁ ବାଲିଘାଟ ସୁରକ୍ଷା କମିଟି ପକ୍ଷରୁ ସ୍ଥାନୀୟ ଉଡା ପଡ଼ିଆରେ ଆରମ୍ଭ ହୋଇଛି ବାଲିଯାତ୍ରା। ଏହି ଯାତ୍ରା ବା ମେଳାରେ ଖୋଲିଛି ଶତାଧିକ ଷ୍ଟଲ। ଘରର ବ୍ୟବହୃତ ବହୁ ଦରକାରୀ ସାମଗ୍ରୀ, କଂସା ବାସନ, ଖେଳଣା, ଗୁପଚୁପ୍ ଏବଂ ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟ ଦୋକାନରେ ବେଶ ଭିଡ଼ ଜମୁଛି। କାର୍ତ୍ତିକ ପୂର୍ଣ୍ଣିମାର ଏହି ବାଲିଯାତ୍ରା ମେଳା ସମସ୍ତଙ୍କୁ ଏକତାର ସୁତ୍ରରେ ବାନ୍ଧି ରଖୁଥିବା ବେଳେ ବ୍ୟବସାୟୀଙ୍କ ପାଇଁ ଏକ ରୋଜଗାର ପନ୍ଥାର ସୁଯୋଗ ସୃଷ୍ଟି କରିଥାଏ।

ତେବେ ଧର୍ମ ମାସ ଭାବେ ପରିଚିତ କାର୍ତ୍ତିକ ମାସର ଶେଷ ଦିନ ଭାବେ ପୂର୍ଣ୍ଣିମାକୁ ସମସ୍ତେ ଭକ୍ତି ଏବଂ ଶ୍ରଦ୍ଧାର ସହିତ ପାଳନ କରିଥିଲେ। ଶ୍ରଦ୍ଧାଳୁମାନେ ନଦୀ ଘାଟରେ ବୁଡ ପକାଇବା ପରେ ଦିଅଁ ଦର୍ଶନ କରି ବିଭିନ୍ନ ମନ୍ଦିରରେ ଦେବାଦେବୀଙ୍କ ପୂଜାର୍ଚ୍ଚନା ପୂର୍ବକ ପରିବାରର ଶୁଭ ମନାସିଥିଲେ। କାର୍ତ୍ତିକ ପୂର୍ଣ୍ଣିମାକୁ ରାହାସ ପୂର୍ଣ୍ଣିମା ଭାବେ ମଧ୍ୟ ପାଳନ କରାଯାଉଥିବା ବେଳେ ସହରର ବିଭିନ୍ନ ଅଞ୍ଚଳରେ ଶ୍ରଦ୍ଧାଳୁମାନେ ମଧ୍ୟ ଭୋର ସମୟରେ ନଗର ସଂକୀର୍ତ୍ତନରେ ବାହାରି ସହର ପରିକ୍ରମା କରିଥିଲେ।

## ବାଲିଘାଟରେ ଭାସିଲା ବିରାଟ ବୋଇତ



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ତ୍ରାହି ଜଗନ୍ନାଥ ଆମ୍ବୁଲାନ୍ସ ସେବା, ଜୟ ବଜରଙ୍ଗବାଲି ଆମ୍ବୁଲାନ୍ସ ସର୍ଭିସ, ଏଟିଏଚ ରକ୍ତ ପରିବାର ଓଡ଼ିଶା ସେକ୍ରେଟାରୀ ତଥା ଯୁବ ସମାଜସେବୀ ବିଶ୍ୱଜିତ୍ ବେହେରାଙ୍କ ତତ୍ୱାବଧାନରେ ବାଲିଘାଟରେ ବିରାଟ ବୋଇତ ଭସାଣ କରାଯାଇଛି। ଏଥିରେ ସହଯୋଗ କରିଥିଲେ ଭୁବନ ରାଉତ୍, ଆଦିତ୍ୟ ନାରାୟଣ ସାହୁ, ବାବୁ, ଜିତେନ୍ଦ୍ର ମନ୍ତ୍ରୀ, ଶିଶିର ନାୟକ, ଗୌରୀ ଶଙ୍କର ପଣ୍ଡା, ସଦାଶିବ ପାଢ଼ୀ, ବାପି, ଦେବ କୁମାର୍ ଦାସ, ବାଦଲ, ମିନତୀ ବେହେରା।

# ୩୦ତମ ଚାନ୍ଦିପୁର ବୋଇତ ବନ୍ଦାଣ ଉତ୍ସବ

ବାଲେଶ୍ୱର, ୧୫ା୧୧(ସମିସ): ଚାନ୍ଦିପୁର ବେଳାଭୁମିରେ ବୋଇତ ବନ୍ଦାଣ କମିଟିର ସଭାପତି ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାନ୍ଦିପୁରର ବିସ୍ତୃତ ବେଳାଭୂମିର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ସରକାରୀ ସ୍ତରରେ ସବୁ ପ୍ରକାର ପ୍ରୟାସ କରାଯିବ ଏବଂ ଏପରିକି ଚାନ୍ଦିପୁରକୁ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ପାଇଁ ଉଦ୍ୟମ କରାଯିବ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଉପସ୍ଥିତ ରହି ଚାନ୍ଦିପୁର ବୋଇତ ବନ୍ଦାଣ କମିଟିର ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ୩୦ ବର୍ଷ ହେଲା ସୁରୁଖୁରୁରେ ବେଳାଭୂମି ବୋଇତ ବନ୍ଦାଣ ଚାଲିଥିବାରୁ ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କଂଗ୍ରେସର ବିଧାୟିକା ପ୍ରାର୍ଥିନୀ ମୋନାଲିସା ସାମଲ ଯୋଗଦେଇ ଚାନ୍ଦିପୁର ବୋଇତ ବନ୍ଦାଣ କମିଟି ସଭାପତି ତଥା କର୍ମକର୍ତ୍ତାଙ୍କ ଯୋଗୁଁ ଏହି କମିଟି ୩୦ ବର୍ଷରେ ପଦାର୍ପଣ କରିଛି ବୋଲି କହିଛନ୍ତି। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଚାନ୍ଦିପୁର ସରପଞ୍ଚ ତପନ ଜେନା, କମିଟିର ସମ୍ପାଦକ ଉପସ୍ଥିତ ଥିଲେ।



# ବାଲିଘାଟ; କଳିଙ୍ଗ ସାମ୍ରାଜ୍ୟର ଏକ ଅଭୁଲା ସ୍ମୃତି




ବାଲେଶ୍ୱର, ୧୫ା୧୧(ସମିସ): ଭୋଇସାହିସ୍ଥିତ ଆ କା ମା ବୈ ସାଂସ୍କୃତିକ ଅନୁଷ୍ଠାନର ପଞ୍ଚଦଶ ବୋଇତ ବନ୍ଦାଣ ଉତ୍ସବ ଆଜି ଉଦଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଭିଜିତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶେଷ ସନ୍ଧ୍ୟାରେ ରାଜ୍ୟ ଏମଏସଏମଇ, ମତ୍ସ୍ୟ ଓ ପଶୁପାଳନ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ପ୍ରାଚୀନ ଉତ୍କଳ ନୌବାଣିଜ୍ୟ ପରମ୍ପରାର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ମାନସ କୁମାର ଦତ୍ତ, ସମାଜସେବୀ ପର୍ଶୁରାମ ବେହେରା ଓ ସୀତାକାନ୍ତ ସ୍ୱାଇଁ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଚୀନ ଉତ୍କଳର ଗୌରବମୟ ଇତିହାସର ସ୍ମୃତି ରକ୍ଷା ପାଇଁ ଆ କା ମା ବୈ ବୋଇତ ବନ୍ଦାଣ ଉତ୍ସବ କମିଟି ପ୍ରୟସାକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିକାଶ କୁମାର ପାଢ଼ୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଶିକ୍ଷକ ମୁରଲୀଧର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାରଗାଁ ବାଞ୍ଛାନିଧି ବିଦ୍ୟାଳୟର ପ୍ରତିଷ୍ଠାତା ରବୀନ୍ଦ୍ର କୁମାର ବାରିକ, ସାମାଜିକ କର୍ମୀ ହ୍ରିତିକ, ନାୟକ, ଆଶ୍ରିତା ତରେଇ, ଯୁବ ନେତା ସିମନ୍ ଦାସ ମହାପାତ୍ର ପ୍ରମୁଖଙ୍କ ସମେତ ଶିଶୁ କଳାକାର ଦିବ୍ୟାଂଶି ଦାସ, ବ୍ଲକ କଲୋନୀର ଗାୟତ୍ରୀ ଏସଏସଜି, ଭୋଇସାହିର ସିଦ୍ଧେଶ୍ୱର ଏସଏସଜି ପ୍ରଭୃତି ସଂଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗଦୀଶ ଆଚାର୍ଯ୍ୟ, ରେନ୍ଦ୍ର ସେଠୀ, ଅଞ୍ଜନ କୁମାର ଦାସ, ଚୈତନ୍ୟ ସେଠୀ, ପୂର୍ଣ୍ଣଚନ୍ଦ୍ର ଦାସ, ବିଶ୍ୱଜିତ ଭୋଇ, ଗିରିଧାରୀ ବେହେରା, ମନୋଜ କୁମାର ଭୋଇ, ବିଶ୍ୱଜିତ୍ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶାସଙ୍ଗ ଶ୍ରୀଜଗନ୍ନାଥ ଜୀଉ ବିଜେରେ ରାସ ପୂର୍ଣ୍ଣିମା

ବାଲେଶ୍ୱର, ୧୫ା୧୧(ସମିସ): ସଦର ବ୍ଲକ ଶାସଙ୍ଗ ପଞ୍ଚାୟତ ଶାସଙ୍ଗ ଗ୍ରାମରେ ଥିବା ଦ୍ୱାଦଶ ଶତାବ୍ଦୀରୁ ଶ୍ରୀଜୀଉ ମାନଙ୍କର ପୀଠସ୍ଥଳୀ ଶ୍ରୀଜଗନ୍ନାଥ ଜୀଉ ବିଜେ ଶାସଙ୍ଗରେ କାର୍ତ୍ତିକ ପୂର୍ଣ୍ଣିମା ତଥା ରାସ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଆଜି ପ୍ରାୟ ଭୋର ୩ଟାରୁ ମନ୍ଦିର ବେଢ଼ା ଫିଟାଯାଇ ମହାପ୍ରଭୁ ମାନଙ୍କର ଦୈନ୍ୟଦିନ ନୀତି ଆରମ୍ଭ ହୋଇଥିଲା। ଠାକୁରଙ୍କ, ମଙ୍ଗଳ ଆଳତି, ଅବକାଶ ହେବା ପରେ ମହାବିଗ୍ରହ ମାନଙ୍କୁ ସୁନା ବେଶ କରାଯାଇଥିଲା। ସୁନାବେଶ ହେବା ପରେ ପ୍ରଥମେ ଏକ ବତୀ, ତିନି ବତୀ, ପାଞ୍ଚ ବତୀ, ସାତ ବତୀ, କାଠି ଆଳତୀ, ୫୪ ବତୀ ଶେଷରେ ପୂର୍ଣ୍ଣ ଆଳତୀ ୧୦୮ ବତୀରେ ଠାକୁରମାନଙ୍କୁ ଆଳତୀ କରାଯାଇଥିଲା। ଠାକୁର ମାନଙ୍କୁ ଖେଚୁଡ଼ି ଭୋଗ ଅର୍ପଣ କରାଯାଇ ସୁନାବେଶ ଦର୍ଶନ ପାଇଁ ଭକ୍ତ ମାନଙ୍କୁ ସୁଯୋଗ ଦିଆଯାଇଥିଲା। ଅନ୍ୟପକ୍ଷରେ ଶାସଙ୍ଗରେ ଥିବା ଶ୍ରୀଗୁଣ୍ଡିଚା ମନ୍ଦିର, କାମେଶ୍ୱର ମହାଦେବ ମନ୍ଦିର, ମଙ୍ଗଳା ମନ୍ଦିର, ବଡମ୍ବା ମନ୍ଦିର, ଶିତଳା ପୀଠରେ ମଧ୍ୟ ଆଜି ଦିନତମାମ ପୂଜା ଅର୍ଚ୍ଚନା ଚାଲିଥିବା ବେଳେ ଭକ୍ତ ମାନଙ୍କୁ ଖେଚୁଡ଼ି, କାନିକା, ଖିରି ଆଦି ବଣ୍ଟନ କରାଯାଇଥିଲା।



# ବ୍ୟାସ ବିହାରରେ ବୋଇତ ବନ୍ଦାଣ ଉତ୍ସବ

ବାଲେଶ୍ୱର, ୧୫ା୧୧(ସମିସ): ଓଡ଼ିଶାର ସ୍ୱତନ୍ତ୍ର ତଥା ଐତିହାସିକ ପର୍ବ ଗୁଡିକର ପାରମ୍ପରିକ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସର ଉତ୍ସବମୁଖର ହୋଇଥାଏ। ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ଥିବା ଧ୍ୟାନ କେନ୍ଦ୍ର ଓ ନୂତନ ଉଦ୍ଭିଦ ବିଜ୍ଞାନ ବଗିଚା ସଂଲଗ୍ନ ପୁଷ୍କରିଣୀରେ ଆଜି ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣର ନିୟମକୁ ଅନୁସରଣ କରି କପଡ଼ା, ବାଉଁଶ ଓ କଦଳୀପଟୁଆରେ ନିର୍ମିତ ଏକ ବୋଇତକୁ ଛାତ୍ରଛାତ୍ରୀଙ୍କ ସହାୟତାରେ ସାଜସଜ୍ଜା କରାଯାଇଥିଲା। ପ୍ରାତଃରେ ଓଡିଆ ରୀତିନୀତି ଅନୁସାରେ ବୋଇତ ବନ୍ଦାଣ କରି ଘଣ୍ଟ-ଶଙ୍ଖ ବଜାଇ, ଆ'କା- ମା- ବୈ ଗୀତ ବୋଲି ବୋଇତଟିକୁ ସମସ୍ତେ ପୁଷ୍କରିଣୀରେ ଭସାଇଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଓଡ଼ିଆ ପରମ୍ପରା ପ୍ରତି ସମ୍ମାନ ତଥା ସୁରକ୍ଷାର ଆଭିମୁଖ୍ୟ ଓ ବିଭିନ୍ନ ପର୍ବପର୍ବାଣୀଗୁଡିକୁ ସାମୂହିକ ପାଳନ ଦ୍ୱାରା ଏହାକୁ ଉଜ୍ଜୀବିତ କରି ରଖିବାର ପ୍ରୟାସ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଆସିଛି। ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବିତ ହେବାସହ ଏହାକୁ ପାଳନ କରିବାର ଆବଶ୍ୟକତାକୁ ନେଇ ଏହି ଉତ୍ସବ ପ୍ରତିବର୍ଷ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ପାଳିତ ହୋଇ ଆସୁଛି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ଉପସ୍ଥିତିରେ ତଥା ବିଭିନ୍ନ ବିଭାଗ ମୁଖ୍ୟ, ଅଣଶିକ୍ଷକ କର୍ମଚାରୀମାନଙ୍କ ସହିତ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ଏହି ବୋଇତ ବନ୍ଦାଣ ଉତ୍ସବକୁ ଅତ୍ୟନ୍ତ ଆନନ୍ଦର ସହିତ ପାଳନ କରିଥିଲେ। ଭୂବିଜ୍ଞାନ ବିଭାଗର ଅଧ୍ୟାପକ ଡ. ଅସୀମ ଅମିତାଭ ପ୍ରଧାନ ଏହି ଉତ୍ସବ ଆୟୋଜନର ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲେ।



# ୬୫ତମ ସୁନହଟ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ



ବାଲେଶ୍ୱର, ୧୫ା୧୧(ସମିସ): ୬୫ତମ ସୁନହଟ ବୋଇତ ବନ୍ଦାଣ ଉତ୍ସବ ଆଜି ଉଦଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଏମଏସଏମଇ, ମତ୍ସ୍ୟ ଓ ପଶୁପାଳନ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରି ସଂସ୍କୃତିର ପ୍ରତିଫଳନ ଓ ପରମ୍ପରାର ଦାୟିତ୍ୱବୋଧତା ଏକ ସମୃଦ୍ଧ ଜାତିର ସନ୍ତକ ବୋଲି ମତପ୍ରକାଶ କରିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ପ୍ରାଚୀନ ଉତ୍କଳର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାରେ ସୁନହଟ ବୋଇତ ବନ୍ଦାଣ ଉତ୍ସବ କମିଟିର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି କହିଥିଲେ। ସଦର ବିଧାୟକ ମାନସ କୁମାର ଦତ୍ତ ଓ ଜିଲ୍ଲା ପରିଷଦ ସଦସ୍ୟ ନାରାୟଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଗୌତମ ଦାସ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ସାହିରୁଲ ହକ ବିବରଣୀ ପାଠ କରିଥିଲେ।

ଶେଷରେ ଆଇଟିଆର ବୈଜ୍ଞାନିକ ଡ. ଅରୁଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସଙ୍ଗୀତ ମ୍ୟୁଜିକାଲ ଟ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। କୋଷାଧ୍ୟକ୍ଷ ବୀରେଶ୍ୱର ଦାସ, ସୁଷମ ଦାସ, ନିହାର ରଞ୍ଜନ ରାଉତ, କାର୍ତିକ ଚନ୍ଦ୍ର ବଳ, ସନ୍ଦୀପ ଦେ, ଅଜୟ ବେହେରା, ତାପସ ସାହୁ, ଉଦୟ କୁମାର ଦାସ, ସୁଶାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରଘୁନାଥପୁରରେ ତ୍ରିନାଥ ମଣ୍ଡପ ପ୍ରତିଷ୍ଠା ଉତ୍ସବ

**ସୋର, ୧୫।୧୧(ସମିସ):** ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ ରଘୁନାଥପୁର ଗଞ୍ଜ ଗ୍ରାମରେ ତ୍ରିନାଥ ମଣ୍ଡପ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ସଂଖ୍ୟାରେ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ । ଏହାପରେ ପ୍ରତିଷ୍ଠା ଉତ୍ସବ ଯଜ୍ଞାଦି କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟ କର୍ତ୍ତା କର୍ତ୍ତୀ ଭାବେ ହରିହର ମୁଦୁଲି ଏବଂ ଜୟନ୍ତୀ ବେହେରା ଦାୟିତ୍ୱ ତୁଲାଇଥିଲେ । ପୂଜକ ଭାବେ ମନୋରଞ୍ଜନ ପଣ୍ଡା, ଜୟନ୍ତ ପଣ୍ଡା ଏବଂ ଜଗବନ୍ଧୁ ପଣ୍ଡା ପୂଜାକାର୍ଯ୍ୟ ପରିଚାଳନା କରିଥିଲେ । ଏହାକୁ ମୁକ୍ତିକାନ୍ତ ମୁଦୁଲି, ରଘୁନାଥ ଜେନା, ପୂର୍ଣ୍ଣଚନ୍ଦ୍ର ଓଝା, ଜଗବନ୍ଧୁ ଜେନା ଓ ସଞ୍ଜୀତ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

# ଗୋଟିଏ ଘର କହି ଦୁଇଟିର ବିଲ୍ ଉଠାଇନେଲେ !



ଆବାସ ଗୃହ ଦୁର୍ନୀତି

**ରାଇବଣିଆ, ୧୫।୧୧(ସମିସ):** ଗରିବ ଅସହାୟ ପରିବାର ମୁଣ୍ଡ ଉପରେ ଛାତ ଘରଟିଏ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ରାଜ୍ୟ ରାଜ କୋଷରୁ କୋଟି କୋଟି ଟଙ୍କା ବ୍ୟୟ ହେଉଛି । ଘର ନିର୍ମାଣ କରିବା ପାଇଁ ହିତାଧିକାରୀ ମାନଙ୍କୁ ୨୦୨୩-୨୦୨୪ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ କରାଯାଇଛି ।

ସେଥିରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ ମହମ୍ମଦ ନଗର ପାଟଣା ଗ୍ରାମ ପଞ୍ଚାୟତର କୁବାଡିଆ ଆଦିବାସୀ ସାହିରେ ଦୁଲାରି ମାରାଣ୍ଡି ସ୍ୱାମୀ ଲକ୍ଷ୍ମଣ ମାରାଣ୍ଡି ଆଇଡି ନମ୍ବର ଓଆର ୧୫୪୫୨୯୪୪୫ ଏକ ଘର ଓ ଗୁରୁବାରି ମାରାଣ୍ଡି ସ୍ୱାମୀ ମନୁ ମାରାଣ୍ଡି ଆଇଡି ନମ୍ବର ଓଆର ୧୫୩୮୫୧୨୭୬ କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ମିଳିଥିଲା । ସେମାନେ ସମ୍ପର୍କରେ ଶାଶୂ ଓ ବୋହୂ ଦୁଇ ଜଣକୁ ଦୁଇଟି ଘର ମିଳିଥିଲା । କିନ୍ତୁ ନିର୍ବାଚିତ ଜନପ୍ରତିନିଧି ଓ ପିଇଓ ଅତୁଲ ପ୍ରଧାନ ସେମାନଙ୍କୁ ଭୁତାଇ ଗୋଟିଏ ଘର ଆସିଛି କହି ଗୋଟିଏ ଘର ନିର୍ମାଣ କରି ଦୁଇଟି ଘରର ବିଲ୍ ଉଠାଇଛନ୍ତି ଏକ ଲକ୍ଷ ୫ ହଜାର ଲେଖାଏଁ । ଏ ନେଇ ଗ୍ରାମର ସମାଜସେବୀ ରାମକୃଷ୍ଣ ମାଝୀ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ଲିଖିତ ଅଭିଯୋଗ କରିବାରୁ ଅଭିଯୋଗ ଖବର ପାଇ ପିଇଓ ଅତୁଲ ପ୍ରଧାନ ଓ ନିର୍ବାଚିତ ପ୍ରତିନିଧି ତରବରିଆ ଭାବେ ଏବେ ସେ ଘରକୁ ଭିଡାଇ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ଚଲାଇ ଅଛନ୍ତି । ଏହା କେବଳ ଭାତ ହାଣ୍ଡିରୁ ଗୋଟାଏ ଭାତ ଚିପିଲା ପରି ଏହି ପରି ଗ୍ରାମ ପଞ୍ଚାୟତର ଅନେକ ଗରିବଙ୍କ ଘର ନ କରି ଫେକ୍ ବିଲ୍ ଉଠାଇ ଅଛନ୍ତି ଏହା କେବଳ ପାଟଣା ଗ୍ରାମ ପଞ୍ଚାୟତରେ ସୀମିତ ନୁହଁ ବିଭିନ୍ନ ଗ୍ରାମ ପଞ୍ଚାୟତର ଏହି ପରି ଅନେକ ଧନୀ ଲୋକ ମାନେ ଆବାସ ଗୃହ ହାତେଇଥିବା ବେଳେ ଗରିବଙ୍କ ମୁଣ୍ଡ ଉପରେ ଆଜି ବି ଚାଳ ଛପର ରହିଛି ।

ଘଟଣା ନେଇ ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ପଚାରିବାରୁ ସେ କହିଥିଲେ ମୁଁ ଏକ ଟିମ୍ କରି ଯାଞ୍ଚ ପାଇଁ ପଠାଇବି । ଘଟଣା ସତ୍ୟାସତ୍ୟ ଥିଲେ ଆଇନ ଅନୁଯାୟୀ ପିଇଓଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ■ ବସ୍ତାରେ ହାତୀପଲ
## ପାଚିଲା ଧାନକୁ ନେଇ ଚାଷୀ ଚିନ୍ତିତ

**ବସ୍ତା ବ୍ଲକ, ୧୫।୧୧ (ସମିସ):** କିଛି ଦିନର ବ୍ୟବଧାନ ପରେ ବସ୍ତାରେ ପୁଣି ହାତୀ ଆତଙ୍କ ଦେଖା ଦେଇଛି । ବିଲରେ ଧାନ ପାଚିବାକୁ ବସି ଥିବା ବେଳେ ଏହି ସମୟରେ ହାତୀ ପଲ ଦେଖୀ ଚାଷୀ ମାନେ ବିବ୍ରତ ହୋଇ ପଡ଼ିଥିବା ଜଣା ପଡ଼ିଛି । ବସ୍ତା ବନ ବିଭାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ଭୋର ସମୟରେ ମୟୂରଭଞ୍ଜ ଜିଲ୍ଲା ଏକତାଳି ନିକଟରେ ନଦୀ ପାର ହୋଇ ଏକ ହାତୀପଲ ବସ୍ତା ବ୍ଲକ ପତ୍ରଝଡ଼ା ପଞ୍ଚାୟତ ଭିତରକୁ ପଶି ଆସିଥିଲେ । ଏହି ହାତୀ ପଲରେ ୪୨ ଟି ହାତୀ ଥିବା ବନବିଭାଗ ଅନୁମାନ କରିଛି । ହାତୀ ପଲ ବିଦ୍ୟାଧରପୁର, ସର ଡ଼ିହା ଗ୍ରାମ ଦେଇ ରାସଗୋବିନ୍ଦପୁର ବନାଞ୍ଚଳର ବେତନସିଆ ଶାଳ ଜଙ୍ଗଲକୁ ପଳାଇ ଥିବା କୁହା ଯାଇଛି । ହାତୀ ପଲକୁ ଦେଖି ସ୍ଥାନୀୟ ଗ୍ରାମର ଶ୍ରଦ୍ଧାଳୁ ମାନେ ନଦୀକୁ ଡ଼ଙ୍ଗା ଭସାଇବାକୁ ଯିବାପାଇଁ ଭୟଭୀତ ହୋଇ ଥିବା ଜଣା ପଡ଼ିଛି ।

## ବିଶ୍ୱ ମଧୁମେହ ଦିବସ ପାଳିତ

**ଜଳେଶ୍ୱର, ୧୫।୧୧ (ସମିସ):** ବିଶ୍ୱ ମଧୁମେହ ଦିବସ ପରିପ୍ରେକ୍ଷୀରେ ଜଳେଶ୍ୱର ବଡ଼ ବଜାରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଆୟୁଷ ଡାକ୍ତର ମୋହନ ଲାଲ ମହାନ୍ତି ଅଧ୍ୟକ୍ଷତା କରିଥିଲେ । ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଉପସ୍ଥିତ ୪୫ ଜଣ ରୋଗୀଙ୍କୁ ମଧୁମେହ ରୋଗ ବିଷୟରେ ସଚେତନତା କରା ଯାଇଥିଲା । ଫାର୍ମାସିଷ୍ଟ ଶଚିନ୍ଦ୍ର କୁମାର ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଜାତୀୟ ପ୍ରେସ୍ ଦିବସ ପାଳିତ



**ଜଳେଶ୍ୱର, ୧୫।୧୧ (ସମିସ):** ଜଳେଶ୍ୱର ମିଳିତ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଜାତୀୟ ପ୍ରେସ ଦିବସ ପାଳନ ଉପଲକ୍ଷେ ବର୍ଣ୍ଣାଢ୍ୟ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇ ଯାଇଛି । ଶୁକ୍ରବାର ପୂର୍ବାହ୍ନରେ ଜଳେଶ୍ୱର ବାସନ୍ତୀ ପଡ଼ିଆଠାରେ ଦୁଇ ଦିନ ଧରି ହେବାକୁ ଥିବା ଏହି ଉତ୍ସବକୁ ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଉପାଧ୍ୟକ୍ଷା ସଞ୍ଚିତା ସେନାପତି, ପୌର ପରିଷଦ ଉପାଧ୍ୟକ୍ଷା ପୁଷ୍ପପ୍ରିୟା କମିଲା, ଶିକ୍ଷାବିତ ଲେଲିନ କୁମାର ପ୍ରଧାନ, ଅଜିତ କୁମାର ମହାନ୍ତି, ସାହିତ୍ୟିକ ତଥା ଅଧ୍ୟାପକ ନୀଳକଣ୍ଠ ଖଣ୍ଡା, ସମାଜସେବୀ ଦୁର୍ଜୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ମନୋଜ କୁମାର ଭୂୟାଁ ମଞ୍ଚ ଆହ୍ୱାନ କରିଥିବା ବେଳେ ସାମ୍ବାଦିକ ଅମର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ । ଏହି ଉପଲକ୍ଷେ ଗୁରୁ ଶ୍ରୀ ଦେବବ୍ରତ ଦାସ, ପ୍ରମୋଦ କୁମାର ପଣ୍ଡା ଓ ମହେଶ୍ୱର ପ୍ରଧାନଙ୍କ ସଞ୍ଚାଳନ ରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ବୋଇତ ବନ୍ଦାଣ ଉତ୍ସବ ଓ ସମ୍ରାଟ ଖାରବେଳ ଜୟନ୍ତୀ



**ଜଳେଶ୍ୱର, ୧୫।୧୧ (ସମିସ):** ଜଳେଶ୍ୱର ସହରର ମଙ୍ଗଳାତଳା ମନ୍ଦିର ପ୍ରାଙ୍ଗଣରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍କଳ ସମ୍ମିଳନୀର ଜଳେଶ୍ୱର ଶାଖାର ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ଏବର୍ଷର ବୋଇତ ବନ୍ଦାଣ ଓ ଦିଗବିଜୟୀ ସମ୍ରାଟ ଖାରବେଳ ଜୟନ୍ତୀ ମହା ସମାରୋହରେ ଉଦ୍‌ଘାଟିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଦିଗାମ୍ବରୀଦେବୀ ଶିକ୍ଷା ସମୂହ ଅନୁଷ୍ଠାନ, ଜଳେଶ୍ୱର ବିକାଶ ପରିଷଦ, କଳା ଓ କଳାକାର ବିକାଶ ପରିଷଦ ଜଳେଶ୍ୱର, ସୀମାନ୍ତ ଗ୍ରାମୀଣ ମହୋତ୍ସବ କମିଟିର କର୍ମକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ । ଏକ ବର୍ଣ୍ଣାଢ଼୍ୟ ସାଂସ୍କୃତିକ ଶୋଭାଯାତ୍ରାରେ ସୁସଜ୍ଜିତ ବୋଇତକୁ ବନ୍ଦାପନା କରି ବଡ ବଜାର ସ୍ଥିତ ଡିଷ୍ଟ୍ରିକବୋର୍ଡ଼ ପୋଖରୀ ପର୍ଯ୍ୟନ୍ତ ନିଆଯାଇ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ସୋମାହିତ କରା ଯାଇଥିଲା ।

ଏହି ଅବସରରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସମ୍ପାଦକ କମଳ ଚକ୍ରବର୍ତ୍ତୀ, ଜଳେଶ୍ୱର ଶାଖାର ସମ୍ପାଦକ ସୁନୀଲ ନାୟକ, ଉପସଭାପତି ଅଶୋକ ଦାସ, ସାଂଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, କୋଷାଧ୍ୟକ୍ଷ ଅଜିତ ମହାନ୍ତି, ବରିଷ୍ଠ ସଦସ୍ୟ ବନମାଳୀ ଧଳ, ରବୀନ୍ଦ୍ର ବାରିକ, ଜଳଧର ଭଞ୍ଜ, ଜଳେଶ୍ୱର ଶିଶୁ ବିକାଶ ଅଧିକାରିଣୀ ଚମ୍ପାବତୀ ମୁର୍ମୁ ପ୍ରମୁଖ ଦିଗବିଜୟୀ ସମ୍ରାଟ ଖାରବେଳ ଓ ବୋଇତ ବନ୍ଦାଣ ପର୍ବର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କର ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଦ୍ୱାରା ପ୍ରେରିତ ପାଇକ ଆଖଡ଼ା, ଝୁମୁର ନୃତ୍ୟ ଓ ଆଞ୍ଚଳିକ ପ୍ରତିଭାମାନେ ଆକର୍ଷଣୀୟ ମନମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ ।

## ପ୍ରାପ୍ୟ ଦାବିରେ ପାଣିପମ୍ପ୍ ଚାଳକଙ୍କ ବିଡିଓଙ୍କୁ ଦାବିପତ୍ର

**ଜଳେଶ୍ୱର, ୧୫।୧୧ (ସମିସ):** ଦୀର୍ଘଦିନ ପ୍ରାପ୍ୟ ନ ପାଇବାରୁ ବିଡିଓଙ୍କ ନିକଟରେ ଅଭିଯୋଗ କଲେ ପାଣି ପମ୍ପ ଚାଳକ । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ଗ୍ରାମ ପଞ୍ଚାୟତର କାହ୍ନୁ ହେମ୍ବ୍ରମ ପିଇବା ପାଣିଟାଙ୍କି ତତ୍କାଳୀନ ସରପଞ୍ଚଙ୍କ ପରାମର୍ଶ କ୍ରମେ ନିଜସ୍ୱ ଜାଗା ଯୋଗାଇ ଦେଇ ନିଜ ଝିଅ ମାଣିକ ମାରାଣ୍ଡିକୁ ପାଣି ପମ୍ପ ଚାଳକ ଭାବେ ସରପଞ୍ଚ ନିଯୁକ୍ତ କରିଥିଲେ । ୨୦୨୩ ମସିହା ଜୁଲାଇ ମାସଠାରୁ ପମ୍ପ ଚାଳକ ମାଣିକ ମାରାଣ୍ଡି ଦିନକୁ ୩ ଥର ପିଇବା ପାଣି ଗ୍ରାମର ବହୁ ପରିବାରକୁ ପାଣି ଯୋଗାଇ ଚାଲିଛନ୍ତି । ମାତ୍ର ପାଣି ପମ୍ପ ଚଳାଇବା ବାବଦରେ ୧୭ ମାସ ହେବ କୌଣସି ପ୍ରାପ୍ୟ ପ୍ରଶାସନ ପକ୍ଷରୁ ପାଇପାରୁ ନାହାନ୍ତି । ଏହି ପ୍ରାପ୍ୟ ପାଇବା ପାଇଁ ସେ ନାମ୍ପୋ ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷ, ତତ୍କାଳୀନ ବିଡିଓ ଏବଂ ଆରଡବ୍ଲ୍ୟୁଏସଏସ ଏସଡିଓଙ୍କଠାରେ ଆପତ୍ତି ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ତେଣୁ ସେ ଉକ୍ତ ପ୍ରାପ୍ୟ ପାଇବା ପାଇଁ ଜଳେଶ୍ୱର ବ୍ଲକରେ ଉପସ୍ଥିତ ହୋଇ ନୂତନ ବିଡ଼ିଓଙ୍କୁ ଲିଖିତ ଦରଖାସ୍ତ ମାଧ୍ୟମରେ ନିବେଦନ କରିଛନ୍ତି ।

## ଭିନ୍ନକ୍ଷମ ବିଦ୍ୟାଳୟରେ ଶିଶୁ ଦିବସ



**ବାଲିଆପାଳ, ୧୫।୧୧(ସମିସ):** ମଦର ଟେରେସା ସେବା ସଂଘ ଡଗରା, ବାଲିଆପାଳ ଦ୍ୱାରା ପରିଚାଳିତ ମଦର ଟେରେସା ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟରେ ଶିଶୁ ଦିବସ ମହୋତ୍ସବ -୨୦୨୪ ଏବଂ ନେହରୁ ଜୟନ୍ତୀ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା, ବାଲିଆପାଳ ବିଡିଓ ପୁନମ୍ ରାଉତ, ବାଲିଆପାଳ ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁ, ଓଆଇସି ସୂର୍ଯ୍ୟନାରାୟଣ ନାୟକ, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ଏ.ଇ.ଇ. ସୌମ୍ୟ ମୁକୁଲ ବାରିକ, ଜେ.ଇ. ପ୍ରେମାନନ୍ଦ ଚଇନି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ଚୌଧୁରୀ ଉତ୍ସବରେ ସଭାପତିତ୍ୱ କରିଥିଲେ । ମଦର ଟେରେସା ସେବା ସଂଘର ଉପସଭାପତି ପ୍ରତାପ ଚନ୍ଦ୍ର ଧଳ, ସଭାପତି ଜୟଦେବ ମହାନ୍ତି, ସହ-ସମ୍ପାଦକ ଅଜିତ୍ ସେଠୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ ।

## ସରପଞ୍ଚଙ୍କ ସ୍ମୃତିରେ ରକ୍ତଦାନ ଶିବିର

**ଚୌକି, ୧୫।୧୧ (ସମିସ):** ଭୋଗରାଇ ବ୍ଲକ ଗୋପିନାଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଜଗନ୍ନାଥ ପରିଡ଼ାଙ୍କ ଉଦ୍ଦେଶ୍ୟରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଅନୁଷ୍ଠିତ ଏହି ଶିବିରରୁ ୨୩ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଭୋଗରାଇ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉତ୍ତର କୁମାର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବାଲେଶ୍ୱର ବ୍ଲଡ଼ ବ୍ୟାଙ୍କ ତରଫରୁ ଅକ୍ଷୟ କୁମାର ଜେନା, ସୌଭାଗ୍ୟବତୀ ପରିଡ଼ା, ଅଜୟ ମହାପାତ୍ର ଓ ସନ୍ତୋଷ କୁମାର ଜେନା ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ସ୍ୱର୍ଗତ ଜଗନ୍ନାଥ ପରିଡ଼ାଙ୍କ ପୁଅ ଅନିରୁଦ୍ଧ ପରିଡ଼ା, ଅରବିନ୍ଦ ପରିଡ଼ା, ଝିଅ ଅରୁନ୍ଧତୀ ପରିଡ଼ା, ଜ୍ୱାଇଁ ଅନିଲ ମହାନ୍ତି ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ ।



# ଜନଜାତି ଗୌରବ ଦିବସ ପାଳିତ



**ଜଳେଶ୍ୱର/ରାଇବଣିଆ, ୧୫।୧୧ (ସମିସ):** ସହିଦ ଆଦିବାସୀ ନେତା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ପାଳିତ ହୋଇଯାଇଛି । ରାଇବଣିଆ ଅଞ୍ଚଳ ଖୁଦିଆମାଝିସାହି ଗ୍ରାମ ପଞ୍ଚାୟତସ୍ଥିତ ଆଡ଼ିଆସାହିଠାରେ ଥିବା ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ତାଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ମୁଖ୍ୟଅତିଥି ଜଳେଶ୍ୱର ବିଜେପି ନେତା ବ୍ରଜ ମୋହନ ପ୍ରଧାନ ଉପସ୍ଥିତ ହୋଇ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଆଦିବାସୀ ଯୁବନେତା ସୁଶାନ୍ତ ସିଂ, ତପନ ବେଶ୍ରା, ଗଣେଶ ସିଂ, ସସ୍ମିତା ସିଂ, ପୂର୍ଣ୍ଣିମା ସିଂ, ମୁନା ସିଂ, ଲକ୍ଷଣ ସିଂ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ତରୁଣ ପଟ୍ଟନାୟକ, ବିଶ୍ୱରୂପ ଦାସ, ଯୁବନେତା ସତ୍ୟ ଶୋଭନ ମିଶ୍ର, ଚନ୍ଦନ କୁମାର କର, ରାସବିହାରୀ ରଣା, କାଳୀଚରଣ ଦାସ, ସମାଜସେବୀ ରହିମ ରଞ୍ଜନଦେ, ରଞ୍ଜନସେଠି, ନିଶାକରମହାନ୍ତି, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ଯୁବନେତା ବିପ୍ଳବ ପ୍ରଧାନଙ୍କ ଉଦ୍ୟମରେ ଆଦିବାସୀ ବହୁଳ ଖୁଦିଆମାଝିସାହି ପଞ୍ଚାୟତ ଅଧୀନସ୍ଥ ଆଡ଼ିଆସାହି ଛକ ନିକଟରେ ସହିଦ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି । ସଂଗ୍ରାମ ଜେନା, ସାଗର ଦାସ, ସୁଶାନ୍ତ ଘୋଷ, ତରୁଣ ସାହୁ, ଲକ୍ଷ୍ମୀ ସିଂ, ଉତ୍ତମ ସିଂ, ଗଣେଶ ସିଂ, ଦିଲ୍ଲୀପ ଧାଉଡ଼ିଆ ପ୍ରମୁଖ ଯୋଗଦାନ କରି ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ ।

## ସୋର ସଂସ୍କୃତି ଭବନରେ ଆଲୋଚନାଚକ୍ର

**ସୋର, ୧୫।୧୧(ସମିସ):** ସୋର ସଂସ୍କୃତି ଭବନରେ ଶ୍ରୀରାମ ଜୀବନ ବୀମା ସୋର ଶାଖା ତରଫରୁ ସଦସ୍ୟ, ସଦସ୍ୟାମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସୋର ଶାଖା ପରିଚାଳକ ଶତ୍ରୁଘ୍ନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶ୍ରୀରାମ ଜୀବନ ବୀମା ରାଜ୍ୟ ଆଞ୍ଚଳିକ ମୁଖ୍ୟ ପରିଚାଳକ ତଥା ଆଇ ଆରଡିଏଆଇର ସଦସ୍ୟ ଦୀପ୍ତିରଞ୍ଜନ ମୁଦୁଲି ଯୋଗଦେଇ ଜୀବନ ବୀମାର ଉଦେଶ୍ୟ, ଭବିଷ୍ୟତ ଗଠନରେ ପ୍ରତେକ ମନୁଷ୍ୟ ଜୀବନର ଅର୍ଥନୈତିକ ମାନଦଣ୍ଡକୁ ସୁରକ୍ଷା ପ୍ରଦାନ, ପ୍ରତି ପରିବାରକୁ ବୀମା ସୁରକ୍ଷା କରାଇବା ମୂଳ ଲକ୍ଷ୍ୟ ବୋଲି ଆଲୋଚନା କରିଥିଲେ । ଏହି ବୈଠକରେ ସୁଶାନ୍ତ ଦାସ, ଦିଲ୍ଲୀପ ମହାପାତ୍ର, ଗୋପୀନାଥ ବେହେରା, ରମାକାନ୍ତ ପଣ୍ଡା, ମଧୁସୂଦନ ବେହେରା, ରାମଚନ୍ଦ୍ର ପଣ୍ଡା ଏବଂ କୃଷ୍ଣଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ସୁନୀଲ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ

**ବାଲେଶ୍ୱର, ୧୫।୧୧(ସମିସ):** କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟରେ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ନେହେରୁ ଯୁବ କେନ୍ଦ୍ର ଓ ଉତ୍କଳ କଲଚୁରାଲ ଏକାଡେମୀ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମା' ପାଇଁ ଗଛ ଟିଏ ଲଗାଇ ଶୁଭାରମ୍ଭ କରିଥିଲେ । ଅନ୍ୟତମ ମଞ୍ଚାସୀନ ଅତିଥି ଜିଲ୍ଲା ଲେବର ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ତାଙ୍କ ଅଭିଭାଷଣ ରଖିଥିଲେ । ଅନ୍ୟତମ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ତାଙ୍କ ଅଭିଭାଷଣରେ କହିଥିଲେ । ଅନ୍ୟତମ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଝାନସି ଜେନା ଗଛ ଲଗେଇଲେ କଣ ଉପକାର ହେବ ସେ ବିଷୟରେ ବର୍ଣ୍ଣନା କରିଥିଲେ । ଅନ୍ୟତମ ଅତିଥି ଭାବେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡାକ୍ତର ଅର୍ଚ୍ଚନା ପଟ୍ଟାୟତ ଉପସ୍ଥିତ ଥିଲେ । ଏହି ଅବସରରେ କଲେଜ ଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା । ଉତ୍କଳ କଲଚୁରାଲ ଅଧ୍ୟକ୍ଷ ବିକ୍ରମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।




# ଗୋଷ୍ଠୀ ମାଧ୍ୟମରେ ଗ୍ରାମୀଣ ମହିଳାଙ୍କ ସଫଳତା

**ଚୌକି, ୧୫।୧୧(ସମିସ):** ଭୋଗରାଇ ବ୍ଲକ ଜୟରାମପୁର ପଞ୍ଚାୟତ ସେହି ଗ୍ରାମର ଚୈତନ୍ୟ ବେହେରାଙ୍କ ସ୍ତ୍ରୀ ମଞ୍ଜୁଲତା ବେହେରା ନିଜେ ଗୋଷ୍ଠୀ ମାଧ୍ୟମରେ ସଫଳ ହେବା ସହିତ ଗ୍ରାମୀଣ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିଛନ୍ତି । ମା' ସରସ୍ୱତୀ ମହିଳା ଗୋଷ୍ଠୀର ମଞ୍ଜୁଲତା ସଭାନେତ୍ରୀ ଭାବେ ଯୋଗଦାନ କରିବା ପରେ ଗ୍ରାମୀଣ ମହିଳାଙ୍କୁ ନେଇ କିଛି ଜିନିଷ କରିବାକୁ ତାଙ୍କ ମନକୁ ଆସିଥିଲା । ୨୦୨୨ ମସିହାରେ ୧୧ ଜଣ ମହିଳାଙ୍କୁ ନେଇ ୧୫୦୦ ଟଙ୍କାରୁ ପ୍ରଥମେ ଫିନାଇଲ ସହିତ ଛତୁଚାଷ ମଧ୍ୟ ଆରମ୍ଭ କରିଥିଲେ । ଛତୁଚାଷ ଓ ହ୍ୟାଣ୍ଡ ୱାସ୍‌ରେ ଆଶାନୁରୂପ ଲାଭ ନ ହେବାରୁ ସେ ଏହି କାର୍ଯ୍ୟକୁ ବନ୍ଦ କରିଥିଲେ । ଶେଷରେ ଫିନାଇଲ ପ୍ରସ୍ତୁତ କରି ଆଖପାଖ ଗ୍ରାମରେ ଲୋକଙ୍କ ଚାହିଦା ବଢ଼ାଇଲେ ଗ୍ରାହକଙ୍କ ଆଗ୍ରହ ଦେଖି ବ୍ୟବସାୟୀ ମାନେ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ଫିନାଇଲ ବହୁଳ ଭାବେ ଚାହିଦା ହେଲା । ମଞ୍ଜୁଲତା ନିଜେ ସ୍ୱାବଲମ୍ବୀ ହେବା ସହିତ ୧୧ ଜଣ ମହିଳାଙ୍କୁ ନେଇଁ ପ୍ରଶିକ୍ଷଣ ଦେଇ ଅନ୍ୟ ମହିଳାଙ୍କୁ ସ୍ୱାବଲମ୍ବୀ କରାଇଛନ୍ତି । ଏହି ମହିଳା ଗୋଷ୍ଠୀକୁ ରାଜ୍ୟ ସରକାର ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କଲେ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ପ୍ରଗତି ହେବ ବୋଲି ସବିତା ବେହେରା, ଜୟନ୍ତୀ ସାହୁ, ପ୍ରୀତିଲତା ସାହୁ, ମାଧବୀ ବେହେରା, ଲବଙ୍ଗଲତା ବେହେରା, ସାବିତ୍ରୀ ସାହୁ, ସୁଭଦ୍ରା ବେହେରା, ଗୟାମଣି ସାହୁ, ଆରତୀ ବେହେରା, ଗୀତାଞ୍ଜଳି ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି ।



## ନୃତ୍ୟଶିଖା ଫାଉଣ୍ଡେସନ ପକ୍ଷରୁ ଶିଶୁ ମହୋତ୍ସବ 'ମହକ' | ଶିଶୁ ହସିଲେ ଦୁନିଆ ହସେ

**ଜଳେଶ୍ୱର, ୧୫।୧୧ (ସମିସ):** ଶିଶୁ ହସିଲେ ଦୁନିଆ ହସେ, ଶିଶୁ ଦିବସ ଉପଲକ୍ଷେ ଜଳେଶ୍ୱର ନୃତ୍ୟଶିଖା ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଶିଶୁ ମହୋତ୍ସବ 'ମହକ' ଶାନ୍ତିଆସ୍ଥିତ ମହାଦେବ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ସଂଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି । ଫାଉଣ୍ଡେସନର ପ୍ରତିଷ୍ଠାତା ଗୁରୁ ସୁଶାନ୍ତ କୁମାରବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଳେଶ୍ୱର ଅଞ୍ଚଳର ବିଦ୍ୟାଳୟ ଗୁଡ଼ିକର ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ, ସଙ୍ଗୀତ, ଦଳଗତ ନୃତ୍ୟ ଆୟୋଜନ କରାଯାଇଥିଲା । ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଜଳେଶ୍ୱର ନଗରପାଳ ପ୍ରତାପ ପ୍ରଧାନ, ମୁଖ୍ୟବକ୍ତା ଭାବେ ଶାଳିକୋଠା ବାଗେଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ରାଧାକୃଷ୍ଣ ଗିରି, ଶିବଶଙ୍କର କ୍ଲବ ଶାନ୍ତିଆର ସଭାପତି ଉମାକାନ୍ତ ଜେନା, ସରୋଜ କୁମାର ପାଣିଗ୍ରାହୀ ଓ ଉତ୍ସର୍ଗ ସାମାଜିକ ସେବା ସଂଗଠନର ସଭାପତି ରତିକାନ୍ତ ମିଶ୍ର ଓ ଖଗେନ୍ଦ୍ର ବେହେରା, ଗୁରୁଜୀ ନରହରି ବେହେରା ଉପସ୍ଥିତ ହୋଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ପରେ ନୃତଶିଖା ଫାଉଣ୍ଡେସନର ୧୦୦ ଜଣ ନୃତ୍ୟଶିଳ୍ପୀ ନୃତ୍ୟ ପ୍ରଦର୍ଶନ କରିଥିଲେ ।



## ବାଲେଶ୍ୱର ଶ୍ରମ କାର୍ଯ୍ୟାଳୟ

# ନାମ ପଞ୍ଜୀକରଣ ଓ ନବୀକରଣ ପାଇଁ ହାତଗୁଞ୍ଜା !



ବାଲେଶ୍ୱର,୧୫।୧୧(ସମିସ): ବାଲେଶ୍ୱର ଶ୍ରମ କାର୍ଯ୍ୟାଳୟରୁ ବାହାରୁଛି ଦୁର୍ନୀତିର ଗନ୍ଧ। ନିର୍ମାଣ ଶ୍ରମିକ ମାନଙ୍କ ନାମ ପଞ୍ଜୀକରଣ, ନବୀକରଣ ଓ ସରକାରୀ ସହାୟତା ରାଶି ପ୍ରଦାନରେ ଅନିୟମିତତା ହେବା ସହିତ ହାତଗୁଂଜା ନିଆଯାଉଛି। ହାତ ଗୁଂଜା ନ ଦେଲେ ହିତାଧିକାରୀମାନେ ମାସମାସ ଧରି ଶ୍ରମ କାର୍ଯ୍ୟାଳୟକୁ ଆସି ନୟାନ୍ତ ହେଉ ଥିବାର ଅଭିଯୋଗ ହେଉଛି। ମାନଙ୍କୁ ସରକାରୀ ସହାୟତା ରାଶି ନିୟମିତ ମିଳୁନଥିବା ସମ୍ପର୍କରେ ଅନେକ ନିର୍ମାଣ ଶ୍ରମିକ ଓ ଶ୍ରମିକ ନେତାମାନେ ଅଭିଯୋଗ ଉଠାଉଛନ୍ତି। ଗତ ୩ ବର୍ଷ ପୂର୍ବରୁ ପିଲାମାନଙ୍କ ଶିକ୍ଷା ସହାୟତା ଅର୍ଥରାଶି ପାଇବା ପାଇଁ ୧୦ହଜାର ନିର୍ମାଣ ଶ୍ରମିକ ଆନେଦନ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ ଆର୍ଥିକ ସହାୟତା ରାଶି ମିଳି ନଥିବା ଅଭିଯୋଗ ହେଉଛି। ସେହିଭଳି ଆବେଦନ କରିଥିଲେବି, ସେମାନଙ୍କୁ ସହାୟତା ରାଶି ଦୀର୍ଘଦିନ ଧରି ମିଳୁନଥିବା ନେଇ ଅସନ୍ତୋଷ ପ୍ରକାଶ ପାଉଛି। କେତେକ ଅସାଧୁ ବ୍ୟକ୍ତିମାନେ ଜାଲ କାଗଜପତ୍ର ଦ୍ୱାରା ଶ୍ରମିକ ସଂଗଠନ ଗଠନ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ଏହି ତଥାକଥିତ ଶ୍ରମିକ ନେତା ମାନଙ୍କ ଦ୍ୱାରା ବର୍ତ୍ତମାନ ବାଲେଶ୍ୱର ଶ୍ରମ କାର୍ଯ୍ୟାଳୟ ପରିଚାଳିତ ହେଉଥିବା ଅଭିଯୋଗ ହେଉଛି।

### ମାସ ମାସ ଧରି କାର୍ଯ୍ୟାଳୟକୁ ଆସି ନୟାନ୍ତ ହେଉଛନ୍ତି ନିର୍ମାଣ ଶ୍ରମିକ

ବାଲେଶ୍ୱର ଶ୍ରମ କାର୍ଯ୍ୟାଳୟରେ ଜିଲ୍ଲାର ୨ଲକ୍ଷ ୧୫ହଜାର ନିର୍ମାଣ ଶ୍ରମିକ ନାମ ପଞ୍ଜିକୃତ କରିଛନ୍ତି। ଯୋଗ୍ୟ ନିର୍ମାଣ ଶ୍ରମିକ ମାନଙ୍କ ନାମ ପଞ୍ଜୀକରଣ, ନବୀକରଣ ଓ ସହାୟତା ରାଶି ପ୍ରଦାନ କରିବା ପାଇଁ ସରକାରଙ୍କ ପକ୍ଷରୁ ଶ୍ରମ ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ, ନିରୀକ୍ଷକ ଓ ସ୍ୱତନ୍ତ୍ର କର୍ମଚାରୀ ମାନଙ୍କୁ ନିଯୁକ୍ତି ଦିଆଯାଇଛି। ତଥାପି ଶ୍ରମିକ ଝିଅ ବାହାଘର କରିବା ପାଇଁ ପ୍ରାୟ ୫ଶହରୁ ଉର୍ଦ୍ଧ ନିର୍ମାଣ ଶ୍ରମିକ ଆବେଦନ କରିଥିଲେ ବି, ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଏହି ସବୁ ସହାୟତା ରାଶି ମିଳୁ ନାହିଁ। ଯେଉଁଥି ପାଇଁ ବାରମ୍ବାର ଶ୍ରମ ଦପ୍ତରକୁ ଜିଲ୍ଲାର ଉପାନ୍ତ ଅଞ୍ଚଳରୁ ଶ୍ରମିକମାନେ ଶ୍ରମ ଦପ୍ତରକୁ ବାରମ୍ବାର ଆସି ନୟାନ୍ତ ହେଉଥିବାର ଅଭିଯୋଗ ହେଉଛି। ସହାୟତା ରାଶି ପାଇବା ଲାଗି ଅନ ଲାଇନରେ ହିତାଧିକାରୀମାନେ ଏହି ତଥା କଥିତ ଶ୍ରମିକ ନେତାମାନେ ଶ୍ରମ କାର୍ଯ୍ୟାଳୟରେ ସଦାସର୍ବଦା ଉପସ୍ଥିତ ରହିବା ପୂର୍ବକ ଅଧିକାରୀ ମାନଙ୍କ ହାତବାରିସୀ ସାଜିଛନ୍ତି। ସମ୍ପୃକ୍ତ ଜାଲି ଶ୍ରମିକ ନେତା ମାନଙ୍କ ଦ୍ୱାରା ଅଧିକାରୀମାନେ ନୂତନ ଯୋଗ୍ୟ ହିତାଧିକାରୀଙ୍କ ଠାରୁ ପଞ୍ଜୀକରଣ, ନବୀକରଣ ଓ ସହାୟତା ରାଶି ଆବେଦନ କରିବା ବାବଦରେ ହାତଗୁଂଜା ନେଉଛନ୍ତି। ହାତ ଗୁଂଜା ଦେଉ ନ ଥିବା ଯୋଗ୍ୟ ହିତାଧିକାରୀ ମାନେ ବର୍ଷେ ଦୁଇ ବର୍ଷ ପୂର୍ବରୁ ଆବେଦନ କରିଥିଲେ ବି ସେମାନଙ୍କୁ ସହାୟତା ରାଶି ମିଳୁ ନାହିଁ। ଏହାବାଦ ଗତ କରୋନା କାଳରେ ପଞ୍ଜିକୃତ ନିର୍ମାଣ ଶ୍ରମିକ ମାନଙ୍କୁ ଦୁଇଟି କିସ୍ତିରେ ସରକାର ୩ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। କିନ୍ତୁ ବାଲେଶ୍ୱର ଶ୍ରମ ଦପ୍ତରର ତ୍ରୁଟି ପାଇଁ ୨୬ହଜାର ପଞ୍ଜିକୃତ ନିର୍ମାଣ ଶ୍ରମିକ ଏହି ଆର୍ଥିକ ସହାୟତା ପାଇ ନାହାନ୍ତି। ଏହି ୨୬ହଜାର ପଞ୍ଜିକୃତ ନିର୍ମାଣ ଶ୍ରମିକ ମାନଙ୍କ ସହାୟତା ରାଶି ବାବଦରେ ସରକାରଙ୍କ ଠାରୁ ଆସିଥିବା ୮କୋଟି ଟଙ୍କା ଗଲା କୁଆଡେ ? ଏ ବାବଦରେ ଶ୍ରମ କାର୍ଯ୍ୟାଳୟରେ ସଠିକ ଉତ୍ତର କେହି ଦେଇ ପାରୁ ନାହାନ୍ତି। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଜିଲ୍ଲା ସ୍ତରରେ ଜିଲ୍ଲାପାଳ ମୁଖ୍ୟ ଥିଲାବେଳେ ଏହି ଅଭିଯୋଗ ପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି। ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ କହିଛନ୍ତି, ଜିଲ୍ଲାର ଅନେକ ଯୋଗ୍ୟ ନିର୍ମାଣ ଶ୍ରମିକ ମାନଙ୍କର ବର୍ତ୍ତମାନ ସୁଦ୍ଧା ନାମ ପଞ୍ଜିକରଣ ହୋଇନାହିଁ। ସେମାନଙ୍କୁ ଶ୍ରମ କାର୍ଯ୍ୟାଳୟର ଅଧିକାରୀମାନେ ହଇରାଣ ନ କରି, ନାମ ପଞ୍ଜି କରଣ କରନ୍ତୁ। ସହାୟତା ରାଶି ପାଇବା ପାଇଁ ଆବେଦନ କରିଥିବା ନିର୍ମାଣ ଶ୍ରମିକ ମାନଙ୍କୁ ନିୟମିତ ଭାବେ ସହାୟତା ରାଶି ପ୍ରଦାନ କରନ୍ତୁ। ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁନଥିବା ଅଣ ଶ୍ରମିକ ମାନଙ୍କ ପଞ୍ଜିକରଣ ରଦ୍ଦ କରିବା ସହିତ ଆବେଦନ ପତ୍ରର କ୍ରମାନୁସାରେ ପ୍ରଥମେ ଆବେଦନ କରିଥିବା ଶ୍ରମିକ ମାନଙ୍କୁ ସହାୟତା ରାଶି ପ୍ରଦାନ କରିବାକୁ ଶ୍ରୀ ପାଣିଗ୍ରାହୀ ଦାବି କରିଛନ୍ତି। ଅପରପକ୍ଷରେ ଶ୍ରମ କାର୍ଯ୍ୟାଳୟର ଅନିୟମିତତା ବାବଦରେ ଜିଲ୍ଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁଙ୍କୁ ପଚାରିବାରୁ ସେ କହିଲେ, ଏ ବାବଦରେ ଡିଏଲଓ ଦୀପ୍ତି ରଞ୍ଜନ ସାହୁ(ୱେଲଫେୟାର)ଙ୍କୁ ପଚାରନ୍ତୁ, ସେ ଆପଣଙ୍କୁ ସଠିକ ଉତ୍ତର ଦେଇ ପାରିବେ। ମାତ୍ର ଡିଏଲଓ ଦୀପ୍ତି ରଞ୍ଜନ ସାହୁ ଛୁଟିରେ ଅଛନ୍ତି। ତାଙ୍କୁ ପଚାରିବାରୁ ସେ କହିଲେ ମୁଁ କାର୍ଯ୍ୟାଳୟ ଗଲେ ଆପଣଙ୍କୁ ବୁଝାଇ ଦେବି।

## ବୃଦ୍ଧଙ୍କ ଝୁଲନ୍ତା ଶବ ଉଦ୍ଧାର

ବାଲେଶ୍ୱର,୧୫।୧୧(ସମିସ): ବାଲେଶ୍ୱର ଶିଶ୍ରାଞ୍ଚଳ ଥାନା ଅନ୍ତର୍ଗତ ରେମୁଣା କଲେଜ ଛକ ନିକଟସ୍ଥ ଏକ ଗଛରେ ଝୁଲୁଥିବା ଜଣେ ବୟସ୍କ ବ୍ୟକ୍ତିଙ୍କ ଶବ ପୁଲିସ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ନାମ ରୋହିୟା ସିଂ(୭୦)।

ଶିଶ୍ରାଞ୍ଚଳ ଥାନା ଶ୍ରୀକୃଷ୍ଣପୁର ଗ୍ରାମରେ ରୋହିୟାଙ୍କ ଘର। ଦିନ ଦୁଇଟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକମାନେ ସେହି ଗଛ ନିକଟ ଦେଇ ଯାଇଛନ୍ତି। ହେଲେ ଗଛରେ ଶବ ଝୁଲୁ ଥିବାର ଦେଖି ନଥିଲେ। ଦିନ ତିନିଟା ସମୟରେ ଗଛରେ ଶବ ଝୁଲୁ ଥିବାର ଦେଖି ସ୍ଥାନୀୟ ଲୋକଙ୍କ ପକ୍ଷରୁ ଶିଶ୍ରାଞ୍ଚଳ ଥାନାକୁ ଖବର ଦିଆଯାଇ ଥିଲା। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପୂର୍ବକ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛନ୍ତି। ନିଶାଗ୍ରସ୍ତ ଅବସ୍ଥାରେ ବୃଦ୍ଧ ରୋହିୟା ଫାଶି ଲଗାଇ ଆତ୍ମହତ୍ୟା କରିଥିବାର ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ବାବଦରେ ଶିଶ୍ରାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତରଫରୁ ଅଧିକ ତଦନ୍ତ ଜାରି ରହିଛି।

## ନଗର ଉନ୍ନୟନ ମନ୍ତ୍ରୀଙ୍କ ବସ୍ତା ଗସ୍ତ

ବସ୍ତା ବ୍ଲକ, ୧୫।୧୧ (ସମିସ): ଓଡ଼ିଶା ନଗର ଉନ୍ନୟନ ବିଭାଗ ଓ କ୍ୟାବିନେଟ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶୁକ୍ରବାର ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବ୍ରାହ୍ମଣଦା ଗସ୍ତରେ ଆସିଥିବା ଜଣା ପଡିଛି। ବ୍ରାହ୍ମଣଦା ରେ ଅନୁଷ୍ଠିତ ସାର୍ବଜନୀନ ରାହାସ ପୂର୍ଣ୍ଣମୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ।

ସେ ଗ୍ରାମରେ ପହଞ୍ଚିବା ପରେ ସେଠାରେ ବିଜେପି କର୍ମୀ ଓ ଗ୍ରାମବାସୀ ତାଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ କରିଥଲେ। ସେଠାରୁ ମନ୍ତ୍ରୀ ଏକ ପଦଯାତ୍ରାରେ ବାହାରି ଭଗବତୀ ମନ୍ଦିର ପ୍ରାଙ୍ଗଣ ରେ ପହଞ୍ଚି ଠାକୁରଙ୍କୁ ଦର୍ଶନ କରିଥଲେ।

ପରେ ସେଠାରେ ସେ ଗ୍ରାମବାସୀଙ୍କ ସହ ଭାବ ବିନିମୟ କରିବା ସହ ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ତାଙ୍କ ସହିତ ବସ୍ତା ବିଜେପି ନେତା ରବିନ୍ଦ୍ର ଅଣ୍ଡିଆ, ରବିନ୍ଦ୍ର କୁମାର ଜୈନ, କୃଷ୍ଣ ଚନ୍ଦ୍ର ଦତ୍ତ, ଚନ୍ଦନ ଭୋଳଙ୍କ ସମେତ ବ୍ରାହ୍ମଣଦା ପଞ୍ଚାୟତର ନେତା ମାନେ ଉପସ୍ଥିତ ଥିଲେ।

## ସାର୍ବଜନୀନ ରାହାସ ପୂର୍ଣ୍ଣମୀ ଉତ୍ସବ ଉଦ୍‌ଯାପିତ

ବସ୍ତା ବ୍ଲକ, ୧୫।୧୧(ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବ୍ରାହ୍ମଣ-ଦା ଗ୍ରାମରେ ୫ ଦିନ ବ୍ୟାପି ଚାଲିଥିବା ରାହାସ ପୂର୍ଣ୍ଣମୀ ଉତ୍ସବ ଶୁକ୍ରବାର ଉଦଯାପିତ ହୋଇଛି। ସୋମବାର ଏକାଦଶୀ କାର୍ତ୍ତିକ ବ୍ରତ ଆରମ୍ଭ ସହ ଘଟ ଉତ୍ତୋଳନ ଅନୁଷ୍ଠିତ ହୋଇ ଥିଲା। ସବୁଦିନ ସନ୍ଧ୍ୟା ରେ ଭାଗବତ ପାଠ ସହିତ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ପ୍ରାତଃ ସମୟରେ ହରିନମ କୀର୍ତ୍ତନ ମଣ୍ଡଳୀ ଙ୍କ ଗ୍ରାମ ପରିକ୍ରମା ଅନୁଷ୍ଠିତ ହେବା ସହିତ ଗୁରୁବାର ମାଆ ଭଗବତୀଙ୍କ ମନ୍ଦିର ପ୍ରାଙ୍ଗଣ ରେ ଚାରି ପ୍ରହର ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇ ଶୁକ୍ରବାର ସମାପନ ସହ ପ୍ରାସାଦ ସେବନ ଅନୁଷ୍ଠିତ ହୋଇ ଥିଲା। ସେଠାରେ ରାଧା କୃଷ୍ଣ ଓ ଜଗନ୍ନାଥଙ୍କ ମେଢ଼ ନିର୍ମାଣ ହୋଇ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇ ଥିଲା। ଶୁକ୍ରବାର ହଜାର ହଜାର ଶ୍ରଦ୍ଧାଳୁ ସେଠାରେ ପୂଜାର୍ଚ୍ଚନା କରିବା ସହିତ ଠାକୁର ଙ୍କୁ ଦର୍ଶନ କରିଥଲେ। ଏହି କାର୍ଯ୍ୟକ୍ରମକୁ ପ୍ରିୟବ୍ରତ ମହାପାତ୍ର, ସୁଶାନ୍ତ ପରିଡା, ତପନ ପାତ୍ର, ବିଜୟ ଭୋଲ, ଶଙ୍କର ପାତ୍ର, ପଙ୍କଜ ପାତ୍ର, ଜିତେନ୍ଦ୍ର ପରିଡା, ଅଜୟ ନାୟକ, ସୁନିଲ ପରିଡା, ରାଧା ଗୋବିନ୍ଦ ମହନ୍ତ, ଚନ୍ଦନ ଭୋଳ, ମନୋରଞ୍ଜନ ନାୟକ, ପଙ୍କଜ ବେହେରା, ମିଟୁ ପରିଡା, ସୃଷ୍ଟି ଧର ନାୟକ ଙ୍କ ସମେତ ସ୍ଥାନୀୟ ଗ୍ରାମର ଯୁବକ ମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ୮ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଅଛି।

## ଜିଲ୍ଲାସ୍ତରୀୟ ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା



ବାଲେଶ୍ୱର,୧୫।୧୧(ସମିସ): ସାଇ ନୃତ୍ୟ ସଂଗୀତ ମହାବିଦ୍ୟାଳୟ ତରଫରୁ ଜିଲ୍ଲାସ୍ତରୀୟ ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆଜି ପଦ୍ମୁଆଁପଦାସ୍ଥିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ଅନୁଷ୍ଠାନ ସଭାପତି ଡା. ଜୟନ୍ତ ଦାସ ସଭାପତିତ୍ୱ କରିଥିବା ବେଳ ପ୍ରାକ କଥନ ରଖିଥିଲେ ସମ୍ପାଦକ କାହ୍ନୁଚରଣ ଲେଙ୍କା। ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ତାଙ୍କ ବକ୍ତବ୍ୟରେ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ନୃତ୍ୟ ଅଧାପକ ସତ୍ୟନାରାୟଣ ଦାସ ପ୍ରତିଯୋଗିତାର ନିୟମ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପରିଷଦର ଉପସଭାପତି ଡା ଗୀତାରାଣୀ ଦାସଅଧିକାରୀ, ଡା ହୃଷିକେଶ ସାହୁ, ହରିମୋହନ ମଲ୍ଲିକ, ସଂସ୍କୃତି ସମ୍ପାଦକ ରବୀନ୍ଦ୍ର କୁମାର ବିଶ୍ୱାଳ, ସଭ୍ୟ ଡା. ରାଖାଲ ଚନ୍ଦ୍ର ଘଡେଇ, ବସନ୍ତ ଦାସ, ଡା ସୀତାଂଶୁ ସାମଲ, ବିଶ୍ୱଜିତ ଦାସ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସତ୍ୟରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ଚୋରକୁ ପୁଲିସ ଜିମା ଦେଲେ ଲୋକେ

ବସ୍ତା ବ୍ଲକ, ୧୫।୧୧ (ସମିସ): ବସ୍ତା ଥାନା ଅନ୍ତର୍ଗତ ବସ୍ତା ବଜାରରୁ ଲୁଗା ଚୋରି କରିଥିବା ଜନୈକ ଚୋରକୁ ଧରି ଲୋକେ ପୁଲିସକୁ ହସ୍ତାନ୍ତର କରାଯାଇଥିବା ଜଣା ପଡିଛି। ଶୁକ୍ରବାର ଏକ ହୋଲସେଲ ଦୋକାନରୁ ଜଣେ ବ୍ୟବସାୟୀ ନୂଆ ଲୁଗା ନେଇ ଟେମ୍ପୋରେ ରଖୁଥିବା ବେଳେ ବସ୍ତା ଥାନା ଅନ୍ତର୍ଗତ ମହାଦେବ ସରାଇ ଗ୍ରାମର ଜଣେ ଯୁବକ କିଛି ଲୁଗା ନେଇ ଅନ୍ୟତ୍ର ବିକ୍ରି କରି ଦେଇଥିଲା। ସିସିଟିଭିରୁ ସେହି ଚୋର କୁ ଧରି ଲୋକେ ବସ୍ତା ପୁଲିସକୁ ହସ୍ତାନ୍ତର କରିଥଲେ।

## ସୁନାଚେନ ଛିନ୍‌ତାଇ, ମହିଳା ଗିରଫ

ବାଲେଶ୍ୱର,୧୫।୧୧(ସମିସ): ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ବାଲିଘାଟ ଠାରେ ବୋଇତ ବନ୍ଦାଣ ଉତ୍ସବ ଚାଲିଥିବାବେଳେ ଜଣେ ମହିଳାଙ୍କ ବେକରୁ ଅନ୍ୟ ଜଣେ ମହିଳା ସୁନା ଚେନ ଛିନତାଇ କରି ପୁଲିସ ଦ୍ୱାରା ଗିରଫ ହେଇଛି। ରେମୁଣା ସମ୍ବଲପୁର ଅଞ୍ଚଳର ବାସନ୍ତୀ ପାତ୍ର ନାମ୍ନୀ ଜଣେ ମହିଳା ବାଲିଘାଟ ଠାରେ ଅନୁଷ୍ଠିତ ହେଇଥିବା ବୋଇତ ବନ୍ଦାଣ ଉତ୍ସବକୁ ଆସିଥିଲେ। ମେଳାରେ ବୁଲୁ ଥିବା ସମୟରେ ତାଙ୍କ ବେକରେ ଥିବା ସୁନା ଚେନକୁ ଅନ୍ୟ ଜଣେ ମହିଳା ଛୀନତାଇ କରି ଘଟଣା ସ୍ଥଳରୁ ଖସି ଯିବାକୁ ଉଦ୍ୟମ କରିଥିଲେ। ମାତ୍ର ଅଭିଯୁକ୍ତ ମହିଳାଙ୍କୁ ଲୋକମାନେ କାବୁକରି ପୁଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ମହିଳାଙ୍କୁ ଥାନାକୁ ଆଣି ପଚରା ଉଚରା କରିବାରୁ ସେ ଛିନତାଇ କରିଥିବାର ମାନିଯାଇଥିଲା। ପୁଲିସ ତା ପାଖରୁ ସୁନାଚେନଟି ଉଦ୍ଧାର କରିଥିଲା। ଅଭିଯୁକ୍ତ ମହିଳାଙ୍କ ନାମ ରାଜେଶ୍ୱରୀ ମୁଦୁଲିଆର। ପଶ୍ଚିମବଙ୍ଗ ହୁଗୁଳି ଅଞ୍ଚଳରେ ରାଜେଶ୍ୱରୀର ଘର ବୋଲି ସେ ପୁଲିସକୁ କହିଛି। ଅଭିଯୁକ୍ତା ରାଜେଶ୍ୱରୀଙ୍କ ଅନ୍ୟ ମହିଳା ଓ ପୁରୁଷ ସହଯୋଗୀ ଅଛନ୍ତି। ସେମାନେ ଜିଲ୍ଲାର ଆୟୋଜିତ ହେଉଥିବା ବିଭିନ୍ନ ମେଳାକୁ ବୁଲିବା ବାହାନାରେ ଯାଇ ଚୋରି ଓ ଛୀନତାଇ କରିଥାଆନ୍ତି ବୋଲି ରାଜେଶ୍ୱରୀ ଦେଇଥିବା ବୟାନରୁ ଜାଣିବାକୁ ମିଳିଛି ବୋଲି ଥାନା ଅଧିକାରୀ ଅଶୋକ ନାୟକ କହିଛନ୍ତି। ଟାଉନ ଥାନା ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତା ରାଜେଶ୍ୱରୀକୁ କୋର୍ଟ ଚାଲାଣ କରିଛି।

## ୨୭ ମୋବାଇଲ ଜବତ, ୬ ଗିରଫ

### ଅଭିଯୋଗକାରୀଙ୍କୁ ମୋବାଇଲ ହସ୍ତାନ୍ତର କଲେ ଏସ୍‌ପି



ବାଲେଶ୍ୱର,୧୫।୧୧(ସମିସ): ବାଲେଶ୍ୱର ସଦର ଥାନା ପୁଲିସ ଦୁଇଟି ଭିନ୍ନଭିନ୍ନ ଚୋରି ମାମଲାରେ ଏକ ମୋବାଇଲ ଚୋର ଗ୍ୟାଙ୍ଗର ତିନି ଜଣ ଅଭିଯୁକ୍ତଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ବିଭିନ୍ନ କମ୍ପାନୀର ୨୭ଟି ମୋବାଇଲ ଫୋନ ସହିତ ଏକ ଟାବଲେଟ ପୁଲିସ ପକ୍ଷରୁ ଜବତ କରାଯାଇ ଥିବାର ଶୁକ୍ରବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦେଇଛନ୍ତି। ଏସପି ପ୍ରସାଦଙ୍କ କହିବାନୁଯାୟୀ ବାଲେଶ୍ୱର ସଦର ଥାନାରେ ଗତ ୭/୧୧/୨୪ତାରିଖରେ ଫକୀରମୋହନ ନଗର ଅଞ୍ଚଳର ବାସିନ୍ଦା ରାଜେନ୍ଦ୍ର ପଣ୍ଡାଙ୍କ ଏତଲା ମୂଳେ କେଶନଂ ୪୪୬/୨୪ରେ ଏକ ଚୋରି ମାମଲା ରୁଜୁ ହୋଇଥିଲା। ସେହିଭଳି ଗତ ୧୪/୧୧/୨୪ ତାରିଖରେ ଅନ୍ୟ ଜଣେ ଅଭିଯୋଗକାରୀ ଫକୀରମୋହନ ନଗର ଅଞ୍ଚଳର ଉମାକାନ୍ତ ମଲ୍ଲିକଙ୍କ ଏତଲା ମୂଳେ ସେହି ସଦର ଥାନାରେ କେଶ ନଂ-୪୫୮/୨୪ରେ ଭିନ୍ନ ଏକ ଚୋରି ମାମଲା ରୁଜୁ ହେଇଥିଲା। ଏହି ଦୁଇଟି ଭିନ୍ନଭିନ୍ନ ଚୋରି ମାମଲାରେ ସଦର ଥାନା ପୁଲିସ ତଦନ୍ତ କରି ମୋଟ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ବିଭିନ୍ନ କମ୍ପାନୀର ୨୭ଟି ମୋବାଇଲ ଫୋନ ଜବତ କରିଛନ୍ତି। ଗିରଫ ହେଇଥିବା ୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ତିନି ଜଣ ମୋବାଇଲ ଚୋରି କରିଥିଲେ। ଅନ୍ୟ ତିନି ଜଣ ଅଭିଯୁକ୍ତ ଏହି ଚୋର ମାନଙ୍କ ଠାରୁ ମୋବାଇଲ କିଣି ଥିବାର ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ସୂଚନା ଦେଇଛନ୍ତି। ବାଲେଶ୍ୱର ସହର ଓ ଆଖପାଖ ଅଞ୍ଚଳରେ ମୋବାଇଲ ଚୋରି କରିଥିବା ଏହି ମୋବାଇଲ ଚୋର ଗ୍ୟାଙ୍ଗକୁ ଗିରଫ କରିବା ପାଇଁ ବାଲେଶ୍ୱର ସଦର ଏସଡିପିଓ ଏବଂ ଆଇଆଇସିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ ହେଇ ତଦନ୍ତ ଜାରି ଥିଲା। ଏହି ଚୋର ଗ୍ୟାଙ୍ଗ ଘରେ କେହି ନଥିବାବେଳେ ବୟସ୍କ ଲୋକଙ୍କୁ ଟାର୍ଗେଟ କରି ଲୁଟ କରୁଥିଲେ। ଗିରଫ ସମସ୍ତ ଲୁଟେରା ମାନଙ୍କ ଘର ବାଲେଶ୍ୱର ଅଞ୍ଚଳର। ଏହି ଗ୍ୟାଙ୍ଗ ବାଲେଶ୍ୱର ସହର ଓ ତାର ଆଖପାଖ ଅଞ୍ଚଳରେ ମୋବାଇଲ ଚୋରି କରିଥିଲେ। ବିଶେଷକରି ଏଫଏମ ନଗର ଓ ସତ୍ୟନଗର ଅଞ୍ଚଳରେ ଏହି ଗ୍ୟାଙ୍ଗର ଚୋରମାନେ ଲୁଟ କରିଥିଲେ। ମୋବାଇଲ ଲୁଟ ପରେ ଯେଉଁମାନେ ଥାନାରେ ଅଭିଯୋଗ କରିଥିଲେ, ସେମାନଙ୍କୁ ଡାକି ଆଜି ଏସପି ରାଜ ପ୍ରସାଦ ତାଙ୍କର ମୋବାଇଲ ଫୋନ ହସ୍ତାନ୍ତର କରିଛନ୍ତି।

## ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଶିଶୁ ଦିବସ



ବାଲେଶ୍ୱର,୧୫।୧୧(ସମିସ): ଅବସରପ୍ରାପ୍ତ ରାଜ୍ୟ ସରକାର କର୍ମଚାରୀ ସଂଘ ଗୃହରେ ଜବାହରଲାଲ୍ ନେହେରୁଙ୍କ ୧୩୬ତମ ଜନ୍ମଦିବସ ପାଳନ କରାଯାଇଛି। ସଂଘର ସଭାପତି ବନମାଳୀ ନାୟକଙ୍କ ତତ୍ତ୍ୱାବଧାନରେ ଶିଶୁଦିବସ ଅବସରରେ ବାଲେଶ୍ୱର ସରକାରୀ ଡାକ୍ତରଖାନାର ଶିଶୁଭବନରେ ଚିକିତ୍ସିତ ହେଉଥିବା ଶିଶୁମାନଙ୍କୁ ଫଳ, ବିସ୍କୁଟ୍ ଏବଂ ହରଲିକ୍ସ ବଣ୍ଟନ କରାଯାଇଛି। ସଂଘ ଗୃହରେ ଅସହାୟ ପୁରୁଷ ଏବଂ ମହିଳାମାନଙ୍କୁ ମଶାରୀ ଏବଂ କମ୍ବଳ ବଣ୍ଟାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିରେନ୍ଦ୍ର ମହନ୍ତ, ଦାମୋଦର ନାୟକ, ଦେବେନ୍ଦ୍ର ନାଥ ଚୌଧୁରୀ, ରୀତା ରାୟ, ଜ୍ୟୋତ୍ସ୍ନା ରାୟ, ପ୍ରଣିତା ମିଶ୍ର, ଲୋକନାଥ ଆଚାର୍ଯ୍ୟ, ହୃଷିକେଶ ସାହୁ, ଅଜୟ କୁମାର ନାୟକ, ପ୍ରଶାନ୍ତ ଦାସ, ଗୁଣାକର ଦେ, ଭାଗବତ ଦଳେଇ, ସାବିତ୍ରୀ ଦାସ, ଭବେଶ କୁମାର ପଣ୍ଡା, ସଂଜୟ କୁମାର ପଣ୍ଡା, କେଶବ ଚନ୍ଦ୍ର ମହାନ୍ତି, କ୍ଷେତ୍ରମୋହନ ନାୟକ, ଲକ୍ଷ୍ମଣ ଚରଣ ବିଶ୍ୱାଳ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ପୁରୁଷୋତ୍ତମ ବେହେରା, କାର୍ତ୍ତିକେଶ୍ୱର ସିଂହ, ଗୌରାଙ୍ଗ ସାହୁ, ସୁନିଲ ମହାନ୍ତି, ସେକ୍ ଆଲାଉଦ୍ଦିନ୍ ପ୍ରମୁଖ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ବାଟିକା ପୁଷ୍ପ ପ୍ରଦର୍ଶନୀ

ବାଲେଶ୍ୱର,୧୫।୧୧(ସମିସ): ରସାଲପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଶିଶୁ ଦିବସ ପାଳନ ଅବସରରେ ଶିଶୁ ବାଟିକା ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସମାଜସେବୀ ତଥା ଅଭିଭାବିକା ଚିତ୍ରଲେଖା ପାଣି ଓ ନିକିତା ପାଣି ମିଳିତ ଉଦଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ଶିବାଜୀ, ଆଇନଜୀବୀ ରାଜୀବ ପାଣି ଓ ସଂପାଦକ ଶମ୍ଭୁନାଥ ଯାଦବ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରାରମ୍ଭିକ କଥା ରଖିଥିଲେ ପ୍ରତିମା ଗୁରୁମା'। ବିନୀତା ଗୁରୁମା' ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜୟସ୍ମିତା ଗୁରୁମା' ପଞ୍ଚାଙ୍ଗ ବୋଲିଥିଲେ। ଶୁଭସ୍ମିତା ଗୁରୁମା' ଅମୃତ ବଚନ ପାଠ କରିଥିବା ବେଳେ ଶ୍ରଦ୍ଧାଞ୍ଜଳି ଗୁରୁମା' ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ ଓ ମିତା ଗୁରୁମା' ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୀଷା ଗୁରୁମା', ଜ୍ୟୋତିରେଖା ଗୁରୁମା', ଝୁନୀ ଗୁରୁମା' ଓ ସେବୀକା ରଞ୍ଜୁଲତା ଆଚାର୍ଯ୍ୟ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପରେ ଶିଶୁ ବାଟିକାର ପୁଷ୍ପ ପ୍ରଦର୍ଶନୀକୁ ଫିତା କାଟି ଉଦଘାଟନ କରାଯାଇଥିଲା। ଶିଶୁ ଭାଇଭଉଣୀ ମାନେ ବିଭିନ୍ନ ପ୍ରକାର ରଙ୍ଗ-ବେରଙ୍ଗର ଫୁଲ କୁ ନେଇ ପ୍ରକଳ୍ପ ମାନ ପ୍ରସ୍ତୁତ କରିଥିଲେ। ବିଚାରକ ଭାବେ ଚିତ୍ର ଲେଖା ପାଣି ଓ ନିକିତା ପାଣି ମୂଲ୍ୟାୟନ କରିଥିଲା।

## ପିପିଲି-ସାହାବନ୍ଦର ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ



ଚୌକି, ୧୫।୧୧ (ସମିସ) : ଭୋଗରାଇ ବ୍ଲକ ଆରୁହବୃତ୍ତି-୧ ପଞ୍ଚାୟତରେ ଆଜି ପିପିଲି-ସାହାବନ୍ଦର ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉତ୍ସବ କମିଟିର ସଦସ୍ୟ ମାନେ ସାଧବବେଶରେ ସଜ୍ଜିତ ହୋଇ ସୁବର୍ଣ୍ଣରେଖା ନଦୀରେ ବୋଇତଶୋଭାଯାତ୍ରରେ ଆସି ମନୁନଗର ଗ୍ରାମରେ ପହଞ୍ଚି ଥିଲେ। ସେଠାରେ ଗ୍ରାମବାସୀ ପକ୍ଷରୁ ସାଧବ ପୁଅ ମାନଙ୍କୁ ବନ୍ଦାପନା ପୂର୍ବକ ସ୍ୱାଗତ କରିଥିଲେ। ପରେ ଏହି ଶୋଭାଯାତ୍ରା ଆରୁହାବୃତ୍ତି ନଂ ୧ ନୋଡାଲ ବିଦ୍ୟାଳୟର ସମ୍ମୁଖ ପଡ଼ିଆ ରେ ପହଞ୍ଚିଥିଲା। ଉତ୍ସବକମିଟି ର ସଭାପତି ବରିଷ୍ଠ ସାମ୍ବାଦିକ ସତ୍ୟଶିବ ଦାସଙ୍କ ପୌରହିତ୍ୟରେ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପଣ୍ଡିତ ରାଜେନ୍ଦ୍ର ପଣ୍ଡା ବେଦ ପାଠ କରିଥିବା ବେଳେ ଉତ୍ସବକୁ ବିଶିଷ୍ଟ ଲେଖିକା ଓ ଗବେଷିକା ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ମୁଖ୍ୟ ବ୍ୟକ୍ତା ଭାବେ ଡ଼ଃ ନାରାୟଣ ଚନ୍ଦ୍ର ବେହେରା, ବିଶିଷ୍ଟ ଅତିଥି ଭାବେ କବି କାଳି କିଙ୍କର ଦାସ, ସମ୍ମାନିତ ଅତିଥି ଭାବେ ସରପଂଚ ଗୀତା ରାଣୀ ଜେନା, ସୌଭାଗିନୀ ମିଶ୍ର, କବି ବ୍ରଜେନ୍ଦ୍ର ନାଥ ଗିରି, ନୟନରଞ୍ଜନ ପ୍ରଧାନ, ରାଜକିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଉତ୍କଳୀୟ ନୌବାଣିଜ୍ୟ ଇତିହାସରେ ଅନ୍ୟତମ ପ୍ରାଚୀନ ବନ୍ଦର ହେଉଛି ପିପିଲି ଓ ସାହାବନ୍ଦର। ଯାହା ଅଧୁନା ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଆରୁହବୃତ୍ତି ଗ୍ରାମ ଭାବେ ପରିଚିତ। ଅତୀତର ଏହି ଗୌରବମୟ ସ୍ମୃତିକୁ ରୋମନ୍ଥନ କରିବା ପାଇଁ ଏଠାରେ ଏଭଳି ଉତ୍ସବର ଆୟୋଜନ କରିବାର ଯଥାର୍ଥ ଥିବା ନେଇ କବି ସୁକୁମାର ଦାସ ସ୍ୱାଗତ ଭାଷଣ ରେ ବ୍ୟକ୍ତବ୍ୟ ରଖିଥିଲେ। ଉତ୍ସବ କମିଟିର ସଦସ୍ୟ ଦେବବ୍ରତ ଦେ ଅତିଥି ମାନଙ୍କୁ ମଞ୍ଚକୁ ଆହ୍ୱାନ କରିବା ସହିତ ପରିଚୟ ପ୍ରଦାନ କରିଥିବା ବେଳେ ତପନ କୁମାର ଦେ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଶ୍ରଦ୍ଧା କ୍ରିଏଟିଭ ଆର୍ଟସ କମର୍ଦ୍ଦାର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ସଂଗୀତ ଗାନ କରାଯାଇଥିଲା। ଏହି ଅବସରରେ ଉତ୍ସବ କମିଟିର ସଭାପତି ସତ୍ୟଶିବ ଦାସଙ୍କ ଲିଖିତ ପୁସ୍ତକ 'ପୁଣିଥରେ'ର ଉନ୍ମୋଚନ କରାଯାଇଥିଲା।

## ସାଇସମିତି ପକ୍ଷରୁ ବାର୍ଷିକ ଉତ୍ସବ




**ହାଟଡିହୀ,୧୫।୧୧(ସମିସ):** ହାଟଡିହୀ ବ୍ଲକ ଅନ୍ତର୍ଗତ ମରେଇଗାଁ ସ୍ଥିତ ସାଇସମିତି ଠାରେ ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସରପଞ୍ଚ ସୁଦାମ ଚରଣ ଜେନାଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ବେଳେ ପ୍ରାତଃ ସମୟରୁ ବାବାଙ୍କ ନିକଟରେ ଓଁକାର ଷୋଡ଼ଶପୂଜା, ଲକ୍ଷ୍ୟାର୍ଚ୍ଚନା ସହ ଜ୍ୟୋତିଯାତ୍ରାର ପୂର୍ଣ୍ଣାହୁତି ହୋଇଥିଲା । ଏଥିରେ ମରେଇଗାଁ ସାଇସମିତି ଅନ୍ତର୍ଗତ ଇଞ୍ଚୋଳ, ମଠ, କପୁଣ୍ଡି, ଅଣତୀରା, ଜଗନ୍ନାଥପୁର, ତେନ୍ତୁଳିନଣ୍ଡା ଆଦି ଗ୍ରାମର ଭଜନମଣ୍ଡଳୀ ଓ ପୋଷ୍ୟ ଗ୍ରାମ ଖପରାଖାଇରୁ ଶତାଧିକ ସାଇପ୍ରେମୀଙ୍କ ସହ ଜିଲ୍ଲାର କେତେକ ସାଇସମିତିରୁ ସାଇପ୍ରେମୀ ଭାଇଭଉଣୀ ମାନେ ଯୋଗ ଦେଇଥିଲେ । ମରେଇଗାଁ ସାଇସମିତି ସଦସ୍ୟଙ୍କ ମଧ୍ୟରେ ଗଣନାଥ ସାହୁ, ଗଦାଧର ବେହେରା, ଶରତ ସେଠୀ, ବିଶ୍ୱନାଥ ଭୋଳ, ଅନନ୍ତ ଚରଣ ଦାସ, ଅଜୟ କୁମାର ଦାସ, ସୁଦର୍ଶନ ଘଡ଼େଇ, ମହେଶ୍ୱର ଶଙ୍ଖୁଆ, ଶଶି ଶେଖର ଦାସ, ମହେନ୍ଦ୍ର କୁମାର ସାମଲ, ପ୍ରତାପ ଚନ୍ଦ୍ର ଦାସ, ସ୍ନିଗ୍ଧାରାଣୀ ଘଡ଼େଇ, ସାବିତ୍ରୀ ଜେନା, କଲ୍ୟାଣୀ ମହାନ୍ତି, ଶାନ୍ତିଲତା ଘୋଷ, ରାଧାରାଣୀ ସାମଲ, ସୁକାନ୍ତି ଗିରିଙ୍କ ସମେତ ଶତାଧିକ ସଂଖ୍ୟାରେ ସାଇ ଆଶ୍ରିତ ଭାଇଭଉଣୀ ମାନେ ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲେ ।

## ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଚକ୍ଷୁ ଶିବିର




**ବେଲବାହାଲି,୧୫।୧୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍ଗପଡା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଗୁରୁବାର ଚକ୍ଷୁ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଚକ୍ଷୁ ଶିବିରକୁ ଆଖପାଖ ଅଞ୍ଚଳରୁ ଶତାଧିକ ପୁରୁଷ ଓ ମହିଳା ମାନେ ଚକ୍ଷୁ ପରୀକ୍ଷା କରିବା ପାଇଁ ଆସିଥିଲେ । ଏହା ସହିତ ଯେଉଁମାନଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇଛି, ସେମାନଙ୍କୁ ନିକଟସ୍ଥ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କରାଇବା ସହ ମେଡିସିନ ପ୍ରଦାନ କରାଯିବ ବୋଲି ଉପକେନ୍ଦ୍ର ପକ୍ଷରୁ ଜଣାଯାଇଛି । ଏଥିରେ ପଞ୍ଚୁପଲ୍ଲୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅଭିମନ୍ୟୁ ବେହେରା, ଚକ୍ଷୁ ରୋଗ ସହାୟକ ରୁପମ ସାହୁ, ପ୍ରଲିପ୍ତା ନାୟକ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ସୁପରଭାଇଜର ଇନଚାର୍ଜ ସାରଦା ପ୍ରସନ୍ନ ନାୟକ, ସ୍ୱାସ୍ଥ୍ୟ କର୍ମୀ ଉମାମଣୀ ପାତ୍ରୀ, ମୋନାଲିସା ସାମଲ ଓ ଆଶୁତୋଷ ସାହୁଙ୍କ ସମେତ ଉପକେନ୍ଦ୍ରର ସମସ୍ତ ଆଶା ଦିଦି ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଆନନ୍ଦପୁର ମହାବିଦ୍ୟାଳୟ ହୀରକ ଜୟନ୍ତୀ କମିଟିର ବୈଠକ

**ଆନନ୍ଦପୁର,୧୫।୧୧(ସମିସ):** ଆନନ୍ଦପୁର ମହାବିଦ୍ୟାଳୟର ହୀରକ ଜୟନ୍ତୀ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆନନ୍ଦଭବନଠାରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ମହେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ସଂପାଦକ ନିରାକାର ଦଳେଇ ସଂଚାଳନା କରିଥିଲେ । କମିଟିର ସଦସ୍ୟ ତଥା ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ପୂର୍ବତନ ଅଧ୍ୟାପକ ଉମାକାନ୍ତ ନାୟକ, ସଦସ୍ୟ ଅଶୋକ କୁମାର ସାହୁ, କୀର୍ତ୍ତନ ସାହୁ, ଲୋକନାଥ ସିଂ, ଶତ୍ରୁଘ୍ନ ସାହୁ, ହରେକୃଷ୍ଣ ପାତ୍ର ସନ୍ତୋଷ ରାଉତ, ନିରାକାର ସାହୁ, ରତିକାନ୍ତ ସାହୁ, ଦୀପକ ଯେନା, ମମତାରାଣୀ ଯେନା, ପ୍ରଶାନ୍ତ କୁମାର ମହାପାତ୍ର, ଅଜୟ କୁମାର ସେଠୀ, ରବି ନାରାୟଣ ହୋତା, ଶ୍ରୀଲେଖା ସାହୁ, ନିରାକାର ସାହୁ, ଭାଗୀରଥି ଦାଶ, ଅଶୋକ ରାଉଳ ପ୍ରମୁଖଙ୍କ ସହ ବହୁ ସଦସ୍ୟ ଯୋଗ ଦେଇଥିଲେ । ଆସନ୍ତା ୨୦୨୫ ଜାନୁଆରୀ ଶେଷ ସପ୍ତାହରେ ୩ଦିନ ଧରି ମହାବିଦ୍ୟାଳୟରେ ହୀରକ ଜୟନ୍ତୀ ପାଳନ କରିବା ପାଇଁ ଉଦ୍ଦିଷ୍ଟ ନିଆଯାଇଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ମହାବିଦ୍ୟାଳୟର ପୁରାତନ ଛାତ୍ର ମୋହନ ଚରଣ ମାଝୀଙ୍କ ଦ୍ୱାରା ହୀରକ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା । ଏହି ଉତ୍ସବରେ ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ ଓ ଓଡିଶା ସରକାରଙ୍କର ମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରିବା ପାଇଁ ଆଲୋଚନା ହୋଇଥିଲା । ଚଳିତ ମାସ ୨୪ ତାରିଖ ରବିବାର ସକାଳ ୧୦ ଘଟିକା ସମୟରେ ଆନନ୍ଦପୁର ମହାବିଦ୍ୟାଳୟ ସଭାଗୃହରେ ହୀରକ ଜୟନ୍ତୀ କମିଟିର ସମସ୍ତ ସଦସ୍ୟଙ୍କ ସହ ମହାବିଦ୍ୟାଳୟରେ ନିର୍ବାଚିତ ପୂର୍ବତନ ସଭାପତି, ସଂପାଦକ, ପୁରାତନ ଛାତ୍ରସଙ୍ଘର ସମସ୍ତ ସଦସ୍ୟ ,ପୁରାତନ ଛାତ୍ରସଂଘର ସମସ୍ତ ସଦସ୍ୟ ,ପୁରାତନ ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇ ହୀରକ ଜୟନ୍ତୀକୁ ସରସ ସୁନ୍ଦର କରିବା ନେଇ ଆଲୋଚନାରେ ଭାଗ ନେବା ପାଇଁ କମିଟି ପକ୍ଷରୁ ନିବେଦନ କରାଯାଇଛି ।

## ପଲ୍ଲିଶ୍ରୀ ପାଠାଗାରରେ ଶିଶୁ ଦିବସ

**ସୋସୋ,୧୫।୧୧(ସମିସ):** ହାଟଡିହୀ ବ୍ଲକର ପଲ୍ଲିଶ୍ରୀ ପାଠାଗାର କଟିଣା ପକ୍ଷରୁ ଶିଶୁ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଦିବସରେ କଟିଣା ଗ୍ରାମର ଶିଶୁମାନଙ୍କୁ ନେଇ ନୃତ୍ୟ, ସଙ୍ଗୀତ, ଭାଷଣ ଓ କୁଇଜ୍ ପ୍ରତି ଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହରେକୃଷ୍ଣ ପାଣିଗ୍ରାହୀ, ସମ୍ମାନିତ ଅତିଥି ପ୍ରଭାତ କୁମାର ପୁହାଣ, ରଞ୍ଜନ କୁମାର ପ୍ରଧାନ ଉପସ୍ଥିତ ରହିଥିଲେ । କୃତି ପ୍ରତିଯୋଗିତାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପଲ୍ଲିଶ୍ରୀ ପାଠାଗାରାର କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥିଲେ ।

# କେନ୍ଦୁଝରରେ ପାଳିତ ହେଲା ଜନଜାତୀୟ ଗୌରବ ଦିବସ

**କେନ୍ଦୁଝର,୧୫।୧୧(ସମିସ)**




ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତର ପୂର୍ବାଞ୍ଚଳରେ ନିଜ ଅଦମ୍ୟ ସାହସ ବଳରେ ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିବା ମହାନାୟକ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ସମଗ୍ର ଦେଶରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି । ଏହି ସ୍ୱତନ୍ତ୍ର ଦିବସ ପାଳନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ଜାମୁଇଠାରେ ସମଗ୍ର ଦେଶବାସୀଙ୍କୁ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ପ୍ରଦାନ କରିଛନ୍ତି । ଏହି ଅବସରରେ ରାଜ୍ୟ ସରକାରଙ୍କର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଓ କେନ୍ଦୁଝର ଜିଲ୍ଲା ପ୍ରଶାସନର ମିଳିତ ଅନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ ଏହି ସମାରୋହର ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାଂସଦ ଅନନ୍ତ ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଜିଲ୍ଲାପାଳ ବିଶାଳ ସିଂହ, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ଓ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ ପ୍ରମୁଖ ଯୋଗଦେଇଥିଲେ । ସମ୍ମିଳିତ ଭାବେ ଆଭାସୀ ମାଧ୍ୟମରେ ବିହାରରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ । ନିଜ ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ସିଂହଖୁଣ୍ଟିଆ କହିଥିଲେ, ଭାରତର ସ୍ୱତନ୍ତ୍ରତା ସଂଗ୍ରାମରେ ଆଦିବାସୀମାନଙ୍କ ସଂଘର୍ଷ ସୂଚାଏ ଯେ ସେମାନେ ନିଜ ମା'ର ମାନ ମର୍ଯ୍ୟାଦା ପାଇଁ କେତେ ସମ୍ବେଦନଶୀଳ ଓ ସ୍ୱାଭିମାନୀ ।

ଏହି ପରିପ୍ରେକ୍ଷୀରେ ବାଂଶପାଳ ବ୍ଲକର ବନମାଳୀ ଜୁଆଙ୍ଗ, ଲମ୍ବୋଦର ଜୁଆଙ୍ଗ, ଧନେଶ୍ୱର ଜୁଆଙ୍ଗ, ବିନୋଦ ଜୁଆଙ୍ଗଙ୍କୁ ପିଏମ୍ ଜନ୍‌ମନ୍ (ଗ୍ରାମୀଣ) ଅନ୍ତର୍ଗତ ଗୃହ ନିର୍ମାଣ ଲାଗି ସହାୟତା ରାଶି ପ୍ରଦାନ କରାଯାଇଥିଲା । ସେହିପରି ୨ଟି ଗୋଷ୍ଠୀଙ୍କୁ ସମ୍ପ୍ରଦାୟ ଜଙ୍ଗଲ ଅଧିକାର (ସିଏଫଆର) ପ୍ରଦାନ କରାଯାଇଥିଲା । ତତ୍‌ସହିତ ମୁଖ୍ୟମନ୍ତ୍ରୀ ଜୀବନ ଜୀବିକା ମିଶନ ଜରିଆରେ ସଞ୍ଜୁଲତା ମୁଣ୍ଡା, ବିକାଶ ପ୍ରଧାନ, ଲୀଳାବାଳା ପ୍ରଶନ ଓ ସନ୍ଧ୍ୟାରାଣୀ ନାଏକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝରର ପ୍ରକଳ୍ପ ପ୍ରଶାସକ ସୌମ୍ୟସାର୍ଥକ ମିଶ୍ର ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ପରିଚାଳନା କରିଥିଲେ ।

## ୫ଟି ପଞ୍ଚାୟତରେ ପାଳିତ ହେଲା ଜନଜାତୀୟ ଗୌରବ ଦିବସ



**ହାଟଡିହୀ,୧୫।୧୧(ସମିସ):** ହାଟଡିହୀ ବ୍ଲକରେ ୪ଟି ପୃଥକ ତାରିଖରେ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ୧୦ଟି ପଞ୍ଚାୟତର ୨୧ଗୋଟି ଆଦିବାସୀପୂର୍ଣ୍ଣ ଜନବସତି ଗ୍ରାମରେ ଜନଜାତୀୟ ଗୌରବ ଦିବସ ପାଳନ ହେବାକୁ ଥିବାବେଳେ ଆଜି ୧ମ ପର୍ଯ୍ୟାୟରେ ବଞ୍ଚୋ ପଞ୍ଚାୟତର ଶିଙ୍ଗିଡୋଭଠାରେ ଏହା ଅନୁଷ୍ଠିତ ହୋଇଯାଇଛି । ବଞ୍ଚୋ ସ୍ଥିତ ଶିଙ୍ଗିଡୋଭଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମଟି ସରପଞ୍ଚ ପ୍ରଶାନ୍ତ ରାଉତଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ବେଳେ ଏଥିରେ ହାଟଡିହୀ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, କନିଷ୍ଠଯନ୍ତ୍ରୀ ପ୍ରଫୁଲ୍ଲ ବେହେରା, ପିଇଓ ଜିତେନ୍ଦ୍ର ଜେନା, ଏଡିଇଓ ସସ୍ମିତା ପାତ୍ରୀ, ଅଙ୍ଗନବାଡି କର୍ମୀ ସଂଯୁକ୍ତା ଦେଇ ଉପସ୍ଥିତ ଥିଲେ । ଜାବିନପୁର ଠାରେ ହାବଳେଶ୍ୱର ପଞ୍ଚାୟତର ସରପଞ୍ଚ ରମାକାନ୍ତ ନାୟକଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବୈଷୟିକ ପରାମର୍ଶଦାତା କାମେଶ୍ୱର ସାହୁ, ପିଇଓ ଅମୂଲ୍ୟ କୁମାର ପହି, ଏଡିଇଓ ଗଣେଶ୍ୱର ସାହୁ, ଅଙ୍ଗନବାଡି କର୍ମୀ ସ୍ନେହଲତା ସାହୁ, ସମିତିସଭ୍ୟ ତାରିଣୀ ସେନାପତି, ଅଭିଜିତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ସୁନ୍ଦରାପାଳ ଠାରେ ଜମ୍ବିରା ସରପଞ୍ଚ ପ୍ରତିନିଧି ଖଗେଶ୍ୱର ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ଆୟୋଜିତ କରିଥିଲା ବେଳେ ଏଥିରେ ସହକାରୀ ଯନ୍ତ୍ରୀ ସଂଯୁକ୍ତା ବେହୁରିଆ, ପିଇଓ ନାରାୟଣ ଜେନା, ଏଡିଇଓ ରିତାଞ୍ଜଳୀ ରଣା, ଅଙ୍ଗନବାଡି କର୍ମୀ ପ୍ରେମଲତା ପାତ୍ର, ସମିତିସଭ୍ୟା ପ୍ରୀତିପଦ୍ମା ରାଉତ ପ୍ରମୁଖ ଯୋଗଦେଇଥିଲେ । ପନ୍ଦାଡୋ ପଞ୍ଚାୟତର ସରଳାପଶି ଓ ପୋଡ଼ାଶିଙ୍ଗିଡ଼ିଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ସରପଞ୍ଚ ପ୍ରତିନିଧି ନିକୁଞ୍ଜ ବିହାରୀ ଓଝା ପରିଚାଳନା କରିଥିଲା ବେଳେ ଏଥିରେ ବ୍ଲକ ସାଧନା ସଂଯୋଜକ କାର୍ତ୍ତିକ ପାତ୍ର ଓ ବିପିଏମ ମଧୁସ୍ମିତା ଦାସ, ପିଇଓ ସୁଶ୍ରୀ ସଂଘମିତ୍ରା ଚକ୍ର ଓ ପ୍ରୀତିଲତା ନାୟକ, ଏଡିଇଓ ମୋନାଲିସା ଶତପଥୀ ଓ ଶରତ ଚନ୍ଦ୍ର ଜେନା, ଅଙ୍ଗନବାଡ଼ି କର୍ମୀ ସୁଲୋଚନା ନାଏକ ଓ ସୌଦାମିନୀ ରାଉତ ପ୍ରମୁଖ ଯୋଗଦେଇ ଜନଜାତୀୟ ଗୌରବ ଦିବସର ଆଭିମୁଖ୍ୟ, ବିକାଶ ଓ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ । ଶାସଙ୍ଗ ପଞ୍ଚାୟତର ଅସିଆ ଠାରେ ସରପଞ୍ଚ ମଧୁମିତା ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାତୀଶ୍ରୀ ସିଂ, ପିଇଓ ସ୍ୱୀକୃତୀ ତନୟା ଆଚାର୍ଯ୍ୟ, ଏଡ଼ିଇଓ ପ୍ରିୟବ୍ରତ ପଡ଼ିଆଳ, ଅଙ୍ଗନବାଡ଼ି କର୍ମୀ ଶଶିରେଖା ଭୂଇଁୟାଙ୍କ ସହ ସମିତିସଭ୍ୟ, ନାଏବ ସରପଞ୍ଚ, ବିଭିନ୍ନ ୱାର୍ଡର ୱାର୍ଡମେମ୍ବର ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପେସା ଆଇନ ଅନୁସାରେ ଗ୍ରାମସଭାର ଦାୟିତ୍ୱ ଓ କ୍ଷମତା, ସ୍ୱଚ୍ଛତା ଶପଥ, ନିଶାମୁକ୍ତ ଗାଁ ଗଠନ ନିମନ୍ତେ ସଂକଳ୍ପ, ଜଙ୍ଗଲ ଅଧିକାର ଆଇନ ଭଳି ବିଭିନ୍ନ ବିଷୟରେ ଆଲୋକପାତ କରାଯାଇଥିଲା ।

## ନୂହାମାଳିଆରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ



**ରାମଚନ୍ଦ୍ରପୁର,୧୫।୧୧(ସମିସ):** ଆଜି ଘସିପୁରା ବ୍ଲକର ଆଦିବାସୀ ବହୁଳ ଗଁପୁର ପଞ୍ଚାୟତ ଅନ୍ତର୍ଗତ ନୂହାମାଳିଆ ଗ୍ରାମରେ ଜନଜାତୀୟ ଗୌରବ ଦିବସ ପାଳନ କରାଯାଇଛି । ଏଥିରେ ସ୍ୱତନ୍ତ୍ର ଗ୍ରାମସଭା, ଜଙ୍ଗଲ ଅଧିକାର ଆଇନ, ସ୍ୱଚ୍ଛ ଭାରତ, ପଞ୍ଚାୟତ ବିକାଶ ସୂଚି ଆଦି ବିଷୟରେ ସ୍ଥାନୀୟ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ମୁଖ୍ୟତଃ ବିଶେଷ ଭାବେ ଜଙ୍ଗଲ ସୁରକ୍ଷା, ନିଶାମୁକ୍ତ ସମାଜ ଓ ସ୍ୱଚ୍ଛତା ବିଷୟରେ ଲୋକମାନଙ୍କୁ ନୋଡାଲ ଅଫିସର ଗୁରୁପଦ ପାଲ, କନିଷ୍ଠ ଯନ୍ତ୍ରୀ ଭାରତୀ ସର୍ଦ୍ଦାର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମୀରଞ୍ଜନ ମହାରଣା, ଭିଏଡବ୍ଲୁ ସଦାନନ୍ଦ ମଲ୍ଲିକ, ପ୍ରାଣୀ ସହାୟକ କୃପାସିନ୍ଧୁ ପଣ୍ଡା ପ୍ରମୁଖ ସଚେତନ କରିଥିଲେ । ଅନ୍ୟତମ ଅତିଥି ଭାବେ ସ୍ଥାନିୟ ସରପଞ୍ଚ ରୀନାରାଣୀ ଜେନା ଯୋଗ ଦେଇ ଉପସ୍ଥିତ ଥିବା ଜନଜାତି ଭାଇଭଉଣୀମାନଙ୍କୁ ଉତ୍ସାହିତ କରିଥିଲେ ।

## ଆଶ୍ରମ ବିଦ୍ୟାଳୟରେ 'ପାପ୍' କାର୍ଯ୍ୟକ୍ରମ



**ଡୁରୁମୁଙ୍ଗା,୧୫।୧୧(ସମିସ):** ବିଶିଷ୍ଟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସହିଦ ବୀର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ପାଟଣା ବ୍ଲକର ନୂଆଖମଣ, ଚିଲିଦା ଓ କେତାଙ୍ଗ ଆଶ୍ରମ ବିଦ୍ୟାଳୟରେ ଶୁକ୍ରବାର ପାପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭେନ୍ଦୁ ମୋହନ ବଳଙ୍କ ତତ୍ତ୍ୱାବଧାନରେ ଏହି ପାପ୍ କାର୍ଯ୍ୟକ୍ରମ ୩ଟି ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ନୂଆଖମଣ ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମୁରଲୀ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧରଣୀଧର ଦାସ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷକ କୁଳଧର ଗିରି, ଏବଂ ସମ୍ମାନିତ ଅତିଥି ଭାବରେ ମୁରସୁଆଁ ସିଆର୍‌ସିସି ଜ୍ୟୋତିରଞ୍ଜନ ସେଠୀ ସମେତ ଅଭିଭାବକ ଏବଂ ସିଏମ୍‌ସି ସଦସ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଅନ୍ଧବିଶ୍ୱାସ, କୁସଂସାର ଏବଂ ନିଶା ନିବାରଣ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ୨ ପଞ୍ଚାୟତରେ ଜନଜାତି ଗୌରବ ଦିବସ

**ରାମଚନ୍ଦ୍ରପୁର,୧୫।୧୧(ସମିସ):** ଘସିପୁରା ବ୍ଲକ ଶାମୁକାନାଣ୍ଡି ଓ ଖାଳିଆମେଣ୍ଟା ପଞ୍ଚାୟତ ପଞ୍ଚୁଗୋଛିଆ ଗ୍ରାମରେ ବୀର୍ସାମୁଣ୍ଡାଙ୍କ ୧୫୦ ଜନ୍ମ ଜୟନ୍ତୀ ଉତ୍ସବକୁ ଜନଜାତିୟ ଗୌରବ ଦିବସ ରୂପେ ପାଳନ କରାଯାଇଛି । ଏଥିରେ ସ୍ୱତନ୍ତ୍ର ଗ୍ରାମସଭା ବୈଠକରେ ଜଙ୍ଗଲ ଅଧିକାର ଆଇନ, ପଞ୍ଚାୟତ ବିକାଶ ସୂଚି ଆଦି ବିଷୟରେ ସ୍ଥାନୀୟ ଜନସାଧାରଣଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ସଚେତନତା କରାଇଥିଲା । ନୋଡାଲ ଅଫିସର ଶ୍ରଦ୍ଧାଞ୍ଜଳି ସାହୁ, ପିଇଓ ସୋମ୍ୟ ରଞ୍ଜନ ଦାସ, ସୀତା ମାରାଣ୍ଡି ଏବଂ ଶାମୁକାନାଣ୍ଡିର ପିଇଓ ମନୋଜ କୁମାର ସେଠୀ, ନୋଡାଲ ଅଫିସର ପ୍ରକାଶ ଟାଇସନ,ମାଷ୍ଟର ଟେନର ଇନ୍ଦିରା ମହାନ୍ତି, ଏଫଟି ରଶ୍ମିରାଣୀ ଜେନା, ସବ୍ୟସାଚୀ ସିଅଁଳ, ଶାମୁକାନେଣ୍ଡି ପଞ୍ଚାୟତର ଗୋବିନ୍ଦ ପାତ୍ର, ବିପିନ ମୁର୍ମୁ, ଚକ୍ରଧର ବୁରୁଆ, ପ୍ରୀତମ ମୁର୍ମୁ, ରାଜୀବ ପଳେଇ, ବାବୁଲା ବାରିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ । ଏ ଅବସରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ରେ ଜନଜାତୀ ଗୌରବ ଦିବସ ସମାରୋହ ଆୟୋଜନ କରାଯାଇଛି ।



# ଏସ୍‌ଓବି ଓଡ଼ିଶାର ତୃତୀୟ କ୍ରୀଡ଼ା କେନ୍ଦ୍ର ଉଦ୍‌ଘାଟିତ

**କେନ୍ଦୁଝର,୧୫।୧୧(ସମିସ)**




ସ୍ପେଶାଲ ଅଲିମ୍ପିକ ଭାରତ (ଏସ୍‌ଓବି) ଓଡ଼ିଶାର ତୃତୀୟ କ୍ରୀଡ଼ା କେନ୍ଦ୍ର ଜେଡ୍ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ ସହଯୋଗରେ ଓ ଭୁବନେଶ୍ୱରସ୍ଥିତ ଓପନ୍ ଲର୍ଣ୍ଣିଂ ସିଷ୍ଟମସ୍ ସହାୟତାରେ କେନ୍ଦୁଝରର ସଦ୍‌ଭାବନାଠାରେ ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ଅତିଥି ଭାବେ ସଦଭାବନାର ପ୍ରେସିଡେଣ୍ଟ ବିଧୁଭୂଷଣ ପଟ୍ଟନାୟକ, ପ୍ରଶିକ୍ଷକ ଦୀପ୍ତି ପ୍ରକାଶ ମହାରଣା ଏବଂ ପୁଷ୍ପାଞ୍ଜଳି ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବୌଦ୍ଧିକ ସ୍ତରର ନିଶକ୍ତ ଶିଶୁମାନଙ୍କ ବିଦ୍ୟାଳୟର ମୁଖିଆ କାହ୍ନୁଚରଣ ପ୍ରଧାନ ପରିଚାଳନା କରିଥିଲେ । କେନ୍ଦୁଝର ଓ ଏହାର ଆଖପାଖର ୧୮୦ ବୌଦ୍ଧିକ ଭିନ୍ନକ୍ଷମ କ୍ରୀଡ଼ାବିତ୍ ଏବଂ ୫୦ ସାଧାରଣ କ୍ରୀଡ଼ାବିତ ଏହି ସେଣ୍ଟରର ସୁବିଧା ନେଇପାରିବେ । ସେଣ୍ଟରରେ ବିଶ୍ୱସ୍ତରୀୟ କ୍ରୀଡା ସରଞ୍ଜାମ ରହିଛି । ଉଦ୍‌ଘାଟନୀ ଅବସରରେ ଛାତ୍ରଛାତ୍ରୀ ଅତିଥିମାନଙ୍କ ସମ୍ମୁଖରେ ଦୌଡ଼, ବାସ୍କେଟବଲ ସ୍କିଲ୍, ଫୁଟବଲ ସ୍କିଲ୍, ସଫ୍ଟବଲ ଥ୍ରୋ ଓ କର୍ଣ୍ଣ ହୋଲ୍ ଖେଳ ପ୍ରଦର୍ଶନ କରିଥିଲେ । ସହଯୋଗ ଲାଗି ଏସ୍‌ଓବି କୋଚ୍ ଦୀପ୍ତିପ୍ରକାଶ ମହାରଣା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଦ୍‌ଭାବନା ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାମାନେ ସହଯୋଗ କରିଥଲେ । ସୂଚନାଯୋଗ୍ୟ ଯେ ସ୍ପେଶାଲ ଅଲିମ୍ପିକ୍ ଭାରତର ପ୍ରଥମ କ୍ରୀଡ଼ା କେନ୍ଦ୍ର ବଲାଙ୍ଗିରର ସଇଁତଳାଠାରେ ସ୍ଥାପିତ ହୋଇଥିଲା ବେଳେ ଦ୍ୱିତୀୟ କେନ୍ଦ୍ର ଭୁବନେଶ୍ୱରର ଗାଡ଼କଣ ଠାରେ ସ୍ଥାପିତ ହୋଇଥିଲା । ତୃତୀୟ କେନ୍ଦ୍ର କେନ୍ଦୁଝରର ପ୍ରୟାସସେବା ଗ୍ରାମଠାରେ ଉଦ୍‌ଘାଟିତ ହୋଇଛି । ଏହି କେନ୍ଦ୍ରକୁ ଜାତୀୟ ସ୍ତରରେ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିବା ଏକ ଭିନ୍ନକ୍ଷମ କ୍ରୀଡ଼ାବିତ୍ ପରିଚାଳିତ କରିବେ । ଏସ୍‌ଓବି ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ ଓ ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର ସଦ୍‌ଭାବନାର ସମ୍ପାଦକ ଚଣ୍ଡୀ ପ୍ରସାଦ ପଟ୍ଟନାୟକ ଓ ତାଙ୍କର ସମସ୍ତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ସିରିଗିଡ଼ାରେ ମଧୁମେହ ଦିବସ ପାଳିତ




**ତେଲକୋଇ,୧୫।୧୧(ସମିସ):** ତେଲକୋଇ ବ୍ଲକ ଅନ୍ତର୍ଗତ ସିରିଗିଡ଼ା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି । ଏହି ଅବସରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ମନମୋହନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ପ୍ରଫେସର ଡାକ୍ତର କୈଳାସ ଚନ୍ଦ୍ର ମହାପାତ୍ର ମୂଖ୍ୟଯ ଅତିଥି ଓ ଡାକ୍ତର ସ୍ୱପ୍ନେଶ୍ୱର ଗଡନାୟକ ମୂଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପି. ସତ୍ୟମ, ସିରିଗିଡା ମଣ୍ଡଳର ଜିଲ୍ଲା ପରିଷଦ ସଭ୍ୟ କେଦାର ଚନ୍ଦ୍ର ପ୍ରଧାନ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ହରିହର ପତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବବୁଲ ଚନ୍ଦ୍ର ନାଏକ, ସ୍ଥାନୀୟ ସରପଞ୍ଚ ମୋହନ ଚରଣ ନାୟକ, ବିମଳା ସରପଞ୍ଚ ପ୍ରସନ୍ନ କୁମାର ନାୟକ ଏବଂ ଅବସରପ୍ରାପ୍ତ ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାବୁଲାଲ ପ୍ରଧାନ ଉପସ୍ଥିତ ରହିଥିଲେ । ଆଧୁନିକ ଜୀବନଶୈଳୀ ଓ ଖାଦ୍ୟପେୟରେ ମଧୁମେହର ପ୍ରାବଲ୍ୟ ଓ ତାର ପ୍ରତିକାର ଏବଂ ମଧୁମେହର ପ୍ରଭାବ ଓ ଉପଶମ ଆଦି ବିଷୟମାନ ପ୍ରମୁଖ ରହିଥିଲା । କାର୍ଯ୍ୟକ୍ରମ ପରେ ଉପସ୍ଥିତ ଡାକ୍ତର ମାନେ ସ୍ଥାନୀୟ ଲୋକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟଶିବିର ଆୟୋଜନ କରିଥିଲେ । କାର୍ଯ୍ୟକ୍ରମ ରେ ସିରିଗିଡା ଏବଂ ବିମଳା ପଞ୍ଚାୟତର ଶତାଧିକ ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଯୋଗ ଦେଇଥିଲେ ।

